ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ଦୀପାବଳୀ ବିଶେଷାଙ୍କ







ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. [illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷେସିତ ଆର୍ତ୍ତ ଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡ଼ିତ ଆମ ପତ୍ରିକା 'ପ୍ରାଚୀ' ର ଅଷ୍ଟମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ **ଲକ୍ଷ୍ୟ** । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, November, 2015, Issue No. VIII

RNI No. : ODIODI/2015/64435

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରସୁନ୍ନା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited & Published by :
Dr. Bibhudatta Khandayatray
Niladri Vihar, Cuttack - 4
E-mail : pracheepatrika@rediffmail.com
Web Site : www.pracheevoice.in

## ଦୀପାବଳୀ ବିଶେଷାଙ୍କ

### ଏଇ ସଂଖ୍ୟାରେ...

- ଶ୍ରୀମହାକାଳୀ, ଶ୍ରୀମହାଲକ୍ଷ୍ମୀ ଓ ଶ୍ରୀମହାସରସତୀଙ୍କ ସରୂପ
  ଡଃ ନିରଞ୍ଜନ ସାହୁ ୫
- ଆଲୋକର ଯାତ୍ରା ଦୀପାବଳି
  ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର ୮
- ହୀନକପାଳି
  ଶ୍ରୀ ସତ୍ୟନାରାୟଣ ନନ୍ଦ ୧୦
- ପରିବର୍ତ୍ତନ
  ସଞ୍ଜୁଲତା ପ୍ରଧାନ ୧୨
- ଆଶ୍ରମ
  ବନଲତା ସିଂହ ୧୪
- ଭକ୍ତି ପସରା
  ଗୀତାଞ୍ଜଳୀ ନାୟକ ୧୫
- ସ୍ନେହ ପାଇଁ ଚିଠିଟିଏ
  ଡଃ ନିରୋଦ କୁମାର ମନ୍ତ୍ରୀ ୧୬
- ବନ୍ଧୁତ୍ୱର ପ୍ରତିଦାନ
  ବିଶ୍ୱଜିତ୍ ଖମାରୀ ୧୭
- ଏଇଠ ଆରମ୍ଭ
  ପାୟଲ ଜେନା ୧୮
- ଅସପନ ବଣିକ : ନଳିଆ
  ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ୨୧
- ଅବାଞ୍ଛିତ ମାତୃତ୍ୱରେ ଅକାଳ ମୃତ୍ୟୁ
  ଡକ୍ଟର ଦିପକ କୁମାର ଦାଶ ୨୩



# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଜିଲ୍ଲା.......................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଶ୍ରୀମହାକାଳୀ, ଶ୍ରୀମହାଲକ୍ଷ୍ମୀ ଓ ଶ୍ରୀମହାସରସ୍ୱତୀଙ୍କ ସ୍ୱରୂପ

- ଡଃ. ନିରଞ୍ଜନ ସାହୁ

ମହାଲକ୍ଷ୍ମୀ, ମହାକାଳୀ ମହାସରସ୍ୱତୀ ସ୍ୱରୂପା ପରମ ବୈଷ୍ଣବୀ ମା ଜଗତ୍‌ଜନନୀ ଭଗବାନ ଶଙ୍କରଙ୍କୁ କର୍ମ ଭକ୍ତିଜ୍ଞାନର ମହାନ ତତ୍ତ୍ୱକୁ ଉପସ୍ଥାପନ କରିବାକୁ ଯାଇ କଳିଯୁଗର ମହାନ ସାଧନାକୁ ପରିପ୍ରକାଶ କରିଛନ୍ତି - "ଶୃଣୁ ଦେବ ପ୍ରବକ୍ଷ୍ୟାମି କଲୌ ସର୍ବେଷ୍ଟ ସାଧନମ୍" । ଶକ୍ତି ସ୍ୱରୂପିଣୀ ମା' ଭଗବତୀ ହେଉଛନ୍ତି ପରମବୈଷ୍ଣବୀ । ସେ ଜଗତର ଆଧାରଭୂତା ହୋଇ ଏ ସୃଷ୍ଟିକୁ ସଂରଚନା କରନ୍ତି । ବୈଦିକ ଗ୍ରନ୍ଥରେ ମହାମାୟାଙ୍କର ତତ୍ତ୍ୱକୁ ରାତ୍ରିସୂକ୍ତରେ ବର୍ଣ୍ଣନା କରାଯାଇ କୁହାଯାଇଛି ଯେ, ମହତ୍ତତ୍ତ୍ୱାଦି ରୂପ ଇନ୍ଦ୍ରିୟଗୁଡିକ ଦ୍ୱାରା ଜଗତର ସମସ୍ତଙ୍କୁ ସୃଷ୍ଟି କରିଥିବା ତଥା ଜଗତର ଶୁଭାଶୁଭ କର୍ମକୁ ବିଶେଷ ରୂପରେ ଉତ୍ତମ ଫଳ ପ୍ରଦାନ କରୁଥିବା ପରମ ବୈଷ୍ଣବୀ ମା' ଭଗବତୀ ହିଁ ବିଶ୍ୱରେ ସମସ୍ତ ବିଭୂତିକୁ ଧାରଣ କରିଥାନ୍ତି । ସେ ତୃଣଠାରୁ ପର୍ବତ ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେ ଚିତ୍‌ଶକ୍ତିରୂପା ରାତ୍ରୀଦେବୀ ଓ ବ୍ରହ୍ମବିଦ୍ୟାମୟୀ ଉଷାଦେବୀଙ୍କୁ ମଧ୍ୟ ପ୍ରକଟ କରିଥାନ୍ତି । ତତ୍‌ଦ୍ୱାରା ଅବିଦ୍ୟାମୟ ଅନ୍ଧକାର ସ୍ୱତଃ ବିନଷ୍ଟ ହୋଇଯାଏ -

ବ୍ରହ୍ମମାୟାତ୍ମିକା ରାତ୍ରିଃ ପରମେଶଲୟାତ୍ମିକା ।
ତଦଧିଷ୍ଠାତୃ ଯା ଦେବୀ ଭୁବନେଶୀ ପ୍ରକୀର୍ତ୍ତିତା ॥
- ଦେବୀ ପୁରାଣ

ଏଣୁ ପରମବୈଷ୍ଣବୀ ମା' ଭଗବତୀଙ୍କର ସ୍ୱରୂପକୁ ଜାଣିବାକୁ "ଶ୍ରୀଦେବ୍ୟର୍ଥବଶୀର୍ଷମ୍" ଏହି ବୈଷ୍ଣବୀ ସୂକ୍ତକୁ ସମସ୍ତେ ଅବଗତ ହେବା ଉଚିତ । ସବୁ ଦେବତାମାନେ ଦେବୀଙ୍କର ସ୍ୱରୂପକୁ ଜାଣିବାକୁ ଏକଦା ମହାମାୟାଙ୍କୁ ପଚାରିବାରୁ ଦେବୀ କହିଲେ, "ଅହଂ ବ୍ରହ୍ମସ୍ୱରୂପିଣି ! ମତ୍ତଃ ପ୍ରକୃତି ପୁରୁଷାତ୍ମକଂ ଜଗତ୍ । ଶୂନ୍ୟଞ୍ଚାଶୂନ୍ୟଞ୍ଚ" । ଅର୍ଥାତ୍ ମୁଁ ବ୍ରହ୍ମସ୍ୱରୂପ ଓ ମୋ ଠାରୁ ପ୍ରକୃତି ପୁରୁଷାତ୍ମକ ସତ୍‌ରୂପ ଓ ଅସତ୍ ରୂପ ଜଗତକୁ ଉତ୍ପନ୍ନ ହୋଇଛି । ସେ ଆନନ୍ଦ ଓ ନିରାନନ୍ଦ ରୂପା, ସେ ବିଜ୍ଞାନ ଓ ଅବିଜ୍ଞାନ ରୂପା, ସେ ଜ୍ଞାତବ୍ୟ ବ୍ରହ୍ମ ଏବଂ ଅବ୍ରହ୍ମ ମଧ୍ୟ ଅଟନ୍ତି । "ଅହଂ ବ୍ରହ୍ମାବ୍ରହ୍ମଣୀ ବେଦିତବ୍ୟେ" । ମା ହେଉଛନ୍ତି ପଞ୍ଚୀକୃତ ଓ ଅପଞ୍ଚୀକୃତ ମହାଭୂତ ସ୍ୱରୂପା । ଏହି ଦୃଶ୍ୟ ଜଗତ ମଧ୍ୟ ମା' ଅଟନ୍ତି । ସେ ବ୍ରହ୍ମସ୍ୱରୂପା, ବ୍ରହ୍ମାତ୍ମିକା ଓ ମଙ୍ଗଳମୟୀ । ତାଙ୍କୁ ମଙ୍ଗଳାତ୍ମିକା ଶକ୍ତିଭାବେ ସମସ୍ତ ଶାସ୍ତ୍ର ଓ ବେଦରେ ସ୍ତୁତି କରାଯାଇ ଥିବାରୁ ତାଙ୍କୁ ବିଷ୍ଣୁ ସ୍ୱରୂପା ପରମ ବୈଷ୍ଣବୀ ବୋଲି କହନ୍ତି । ସେହି ମା' ଜଗତଜନନୀ ପରମ ବୈଷ୍ଣବୀ ଜଗତର ମଙ୍ଗଳବିଧାୟିକା ହୁଅନ୍ତୁ ।

ପରମେଶ୍ୱର ପୂର୍ଣ୍ଣ ଅଟନ୍ତି । ସେ ଜଗତୀଙ୍କର ଉତ୍ପତ୍ତି, ପାଳନ ତଥା ସଂହାର କରିଥାନ୍ତି । ଏହା ବେଦାନ୍ତସୂତ୍ରରେ ଉଲ୍ଲିଖିତ - "ଜନ୍ମାଦ୍ୟସ୍ୟ ଯତଃ" । ସେ ଏହି କାର୍ଯ୍ୟ ପାଇଁ ନିଜକୁ ସ୍ତ୍ରୀ ଏବଂ ପୁରୁଷ ଉଭ ରୂପରେ ପ୍ରକଟିତ କରିଥିଲେ । "ତ୍ରୟମ୍ବକଂ ଯଜାମହେ" (ଯଜୁର୍ବେଦ) । 'ତ୍ରୟମ୍ବକ' ଶବ୍ଦର ବ୍ୟୁତ୍ପତ୍ତି ହେଲା - "ସ୍ତ୍ରୀ, ଅମ୍ବା, ସସା ଯସ୍ୟ (ଷଡବିଂଶ ବ୍ରାହ୍ମଣ) ସେ ନିଜକୁ ସ୍ତ୍ରୀ ସହିତ ପ୍ରକାଶିତ କରିଥାନ୍ତି । ସେ ଲୌକିକ ବ୍ୟବହାର ରହିତ । ସ୍ତ୍ରୀ ଶବ୍ଦର ସକାର ଲୋପ ହେବା ଫଳରେ 'ତ୍ରୟମ୍ବକ' ଶବ୍ଦ ଗଠିତ ହୋଇଥାଏ । ତାଙ୍କର ନାମ 'ଗୌରୀ' ଅଟେ ।

ଋଗ୍‌ବେଦରେ କୁହାଯାଇଛି - ଗୌରୀମିମାଂ ସଲିଳାନି ତକ୍ଷତି । ଏହି ବେଦ ମନ୍ତ୍ରର ତାତ୍ପର୍ଯ୍ୟ ହେଲା - ସେ ସ୍ତ୍ରୀ-ପୁରୁଷ ରୂପରେ ମାତା-ପିତା ସମାନ ସୁଖ ପ୍ରଦାନ କରିଥାନ୍ତି । ମନୁଷ୍ୟ ସେହି ପିତାମାତାଙ୍କର ସେବା

କରନ୍ତି । ପରମେଶ୍ୱର-ତ୍ରିନେତ୍ର ଅଟନ୍ତି । ଅର୍ଥାତ୍ ତ୍ରିକାଳଦର୍ଶୀ । ସେ ଦିନ ଲୋକର କଥା ଜାଣନ୍ତି । ମହାକାଳୀ ଦୁର୍ଗା ମଧ ତ୍ରିନେତ୍ରୀ । ଯୋଗସୂତ୍ରରେ କୁହାଯାଇଛି - "ତତ୍ର ସର୍ବଜ୍ଞାତିଶୟୋ ବୀଜମ୍" । ସେ ସର୍ବଜ୍ଞ ଅଟନ୍ତି । ସେ ବିଜୁଳି ସମାନ ଜ୍ୟୋତିର୍ମୟୀ, ଧନୁଶର ଏବଂ ଚକ୍ର ସୁଶୋଭିତ ତଥା ସିଂହ ବାହିନୀ ଅଟନ୍ତି ।

ବିଦ୍ୟୁଦ୍ ଦାମ ସମପ୍ରଭାଂ ମୃଗ ପତିସ୍କନ୍ଧସ୍ଥିତାଂ ଭୀଷଣାଂ
କନ୍ୟାଭିଃ କରବାଳ ଖେଟ ବିଳ ସଦ୍‌ସ୍ତାଭିରା ସେବିତାମ୍ ।
ହସ୍ତୈଶ୍ଚକ୍ର ଗଦା ସିଖେଟବିଶିଖାଂଶ୍ଚାପଂ ଗୁଣଂ ତର୍ଜନୀଂ
ବିଭ୍ରାଣାମନଳାତ୍ମିକାଂଶଶିଧରାଂ ଦୁର୍ଗା ତ୍ରିନେତ୍ରାଂ ଭଜେ ॥

ଯିଏ ବୀର ପୁରୁଷ ସେ ସିଂହ ଅଟେ ।

ତା'ଉପରେ ମହାକାଳୀ ଅବସ୍ଥାନ କରନ୍ତି । ଲଲାଟରେ ଚନ୍ଦ୍ରମା ତାଙ୍କର ବିରାଜିତ । ସେ ଭକ୍ତଙ୍କୁ ଆନନ୍ଦ ଏବଂ ଆଲୋକ ପ୍ରଦାନ କରିଥାନ୍ତି । ଯେତେବେଳେ ସେ ରୁଷ୍ଟ ହୁଅନ୍ତି, ସେତେବେଳେ ରାକ୍ଷସଙ୍କ ଉପରେ ଚକ୍ର ଚାଳନା କରନ୍ତି । ସଂସାର-ଚକ୍ରରେ ଥିବା ପାପ ସଂହାର ହୋଇଥାଏ ଏବଂ ପାପ ମଧ ଆପେ ନଷ୍ଟ ହୋଇଯାଏ । ସେ ମଧ ଦୁଷ୍ଟଙ୍କୁ ଚକ୍ର, ଅସ୍ତ୍ର, ଶସ୍ତ୍ରରେ ସଂହାର କରିଥାନ୍ତି । ଏହା ହେଉଛି ଭଗବତୀଙ୍କର ପରୋକ୍ଷ ଚକ୍ର ଚାଳନା । ମାଳି ଯେପରି ବଗିଚାରୁ ଅନାବନା ଗଛ ଓପାଡ଼ି ଫିଙ୍ଗିଦିଏ । ଆବଶ୍ୟକୀୟ ଗଛର ସୁରକ୍ଷା ନେଇଥାଏ ତଥା ଶୋଭାବର୍ଦ୍ଧନ କରିଥାଏ ସେହିପରି ସଂସାରରୁ ସେ ଅବାଞ୍ଛିତଙ୍କୁ ସଂହାର କରିଥାନ୍ତି । ଏହା ହେଉଛି ମା'ଙ୍କର ନିପୁଣତା ଏବଂ ବୈଶିଷ୍ଟ୍ୟ । ମାତା ଦୁର୍ଗା ଦୁଷ୍ଟଙ୍କୁ ବିନାଶ କରି ଜଗତର କଲ୍ୟାଣ କରିଥାନ୍ତି ।

ମହିଷାସୁର ତିନିପୁରରେ ଉତ୍ପାତ କରିବାକୁ ଲାଗିଲା । ସେ ଦେବଲୋକକୁ ଆକ୍ରମଣ କଲା । ଏହା ଦେଖି ବ୍ରହ୍ମା, ବିଷ୍ଣୁ, ଶିବ ନିଜର ତେଜକୁ ଏକତ୍ରିତ କରି ମହାଲକ୍ଷ୍ମୀଙ୍କୁ ପ୍ରକଟିତ କଲେ । ତାଙ୍କ ହାତରେ ଗଦା, ଧନୁ, ଦଣ୍ଡ, ଖଣ୍ଡା ଏବଂ ଢ଼ାଲ ଆଦି ରହିଥିଲା । ସେ କମଳ ଉପରେ ଉପବିଷ୍ଟ ହୋଇଥିଲେ ଏବଂ ହାତରେ କମଳ ଧାରଣ ପୂର୍ବକ ପ୍ରତିଭାତ ହେଲେ । ଧନ ସଂପଦର ସ୍ୱରୂପ ହେଉଛି କମଳା । ଯିଏ ଧନାଧିପ ତାର ଧନ ସୁରକ୍ଷା କରିବା ଦରକାର । ରାତିଦିନ ଅସ୍ତ୍ର-ଶସ୍ତ୍ର ଦ୍ୱାରା ନିଜର କୋଷାଗାରକୁ ରକ୍ଷାକରିବା ଉଚିତ୍ । ଆଚରଣ ସିଦ୍ଧି ହେଲେ ଧନରକ୍ଷା ହୋଇଥାଏ । ଦୁଷ୍ଚରିତ୍ର ହେଲେ ଧନକ୍ଷୟ ହୁଏ । ରାତିଦିନ ଅସ୍ତ୍ର-ଶସ୍ତ୍ର ଦ୍ୱାରା କୋଷାଗାର ଜଗିବା ଦରକାର ପଡେ ନାହିଁ । ଦୁଷ୍ଚରିତ୍ର ମଣିଷର ଆପେ ଆପେ ଧନକ୍ଷୟ ଘଟେ । ସତ୍‌ଚରିତ୍ର ଲୋକ ଧନ ସୁରକ୍ଷା ପ୍ରଦାନ କରିଥାଏ । ଧନି ଲୋକ ମଦ୍ୟ ପିଇବା ଅଭ୍ୟାସ ହୋଇଥାଏ । ଏହି ସ୍ୱାଭାବ ଧନ ବିରୋଧୀ ଅଟେ । ମଦ୍ୟାପାନ ଏବଂ ଦୁଷ୍ଚରିତ୍ର ସ୍ୱଭାବ ଧନରକ୍ଷା ବଦଳରେ ଧନନାଶ ହୋଇଥାଏ ।

ଯୁଦ୍ଧ ସମୟରେ ମହାଲକ୍ଷ୍ମୀ ମଧ ସିଂହବାହିନୀ ହୋଇଥାନ୍ତି । ମାତ୍ର ମନ୍ତ୍ରରେ ତାଙ୍କର ବାହନ ପେଚା ବୋଲି ଲେଖାଯାଇଛି । ଯାହା ଉପରେ ଲକ୍ଷ୍ମୀଙ୍କର କୃପା ହୁଏ, ସେ ଲକ୍ଷ୍ମୀବନ୍ତ ପୁରୁଷ । ତାହାର ଧନ-ସଂପଦ ଶୁଦ୍ଧ କର୍ମରେ ବ୍ୟୟ ହୋଇଥାଏ ।

ଲକ୍ଷ୍ମୀ ରଜୋଗୁଣୀ ଅଟନ୍ତି । ଧନ ଲାଳସୀ ଲୋକ ଦୁଃଖି ହୋଇଥାଏ । ସେ ପାଗଳପରି ଧନାଧିପ ହୋଇଥାଏ । ଯଦି ତା'ଉପରେ ମହାସରସ୍ୱତୀ କୃପାହୁଏ ତେବେ ସେ ବ୍ୟକ୍ତି ମହାପୁରୁଷ ହୋଇଯାଏ । ଯାହାଠାରେ କଳୁଷ ନାହିଁ ସେ ସରସ ଅଟେ । ଯେଉଁ ପ୍ରାଣୀମାନଙ୍କର ହୃଦୟ ସରସ-ଜଳ ସମାନ ସ୍ୱଚ୍ଛ, ସେ ସରସ୍ୱତୀ ପୁତ୍ର ଏବଂ ବିଦ୍ୟାନିଧି ଅଟେ । ତାହାର ମହତ୍ତ୍ୱର ଇୟତ୍ତା ନାହିଁ । ଅତଏବ ସେ ବିଦ୍ୟାଦାତା ମହେଶ୍ୱର ।

ବିଦ୍ୟାର ଗୁଣ ହେଲା ଦୁଃଖକୁ ଦୂର କରିବା ମାନସିକ ଦୁଃଖ ହେଉଛି ବ୍ୟାଧି । ଦୁଃଖ ମହାବ୍ୟାଧି ସ୍ୱରୂପ ଅଟେ । ବିଦ୍ୱାନ ଦୁଃଖକୁ ବିନା କରିଥାଏ । ମହାସରସ୍ୱତୀ ବୁଦ୍ଧି, ବିଦ୍ୟା ପ୍ରଦାନ କରିଥାନ୍ତି । ସେ ମହିମାମୟୀ । ସେ ଆବିର୍ଭୂତ ହୋଇ ଘଣ୍ଟା, ଶୂଳ ତଥା

ହଳେଂ ପ୍ରୟୋଗ କରନ୍ତି । ସେ ସବୁ ଆନ୍ଦୋଳିତ ହୁଏ କାରର ଘଣ୍ଟା ହେଉଛି ନାଦ । ଆଧ୍ୟାତ୍ମିକ, ଆଧିଦୈବିକ ତଥା ଆଧିଭୌତିକ ଶୂଳ ପରିବ୍ୟାପ୍ତ ହୋଇଥାଏ । ଅନ୍ନ ଉପାର୍ଜିତ ହୁଏ । ରାକ୍ଷସଙ୍କ ଠାରୁ ସାମଗ୍ରୀ ଛଡ଼ାଇ ଆଣିବାକୁ ହୁଏ । ମହାମୟୀ ସରସ୍ୱତୀଙ୍କ ପ୍ରଭାବରୁ ରାକ୍ଷସ ଶକ୍ତି ଦୁର୍ବଳ ହୋଇଯାଏ ।

ଭଗବତୀ ସରସ୍ୱତୀଙ୍କ ତେଜ ସୂର୍ଯ୍ୟ ସମାନ । ଏହି ତେଜରେ ରାକ୍ଷସ ତେଜ ନଷ୍ଟ ହୋଇଯାଏ । ବିଦ୍ୟାଲୋକ ସଦୃଶ ଧନୁଶବାଣ ବଳରେ ରାକ୍ଷସ ଶକ୍ତି ଦୁର୍ବଳ ହୋଇଯାଏ ।

ଓଁ ଘଣ୍ଟା ଶୂଳହାଳାନି ଶଙ୍ଖମୂଳକେ ଚକ୍ର ଧନୁଃ ସାୟକଂ ।
ହସ୍ତାବ୍‌ଜୈର୍ଦଧତୀଂ ଘନାନ୍ତବିଳସଚ୍ଛୀନ୍ତାଂ ଶୁତୁଲ୍ୟପ୍ରଭାମ୍ ।।
ଗୌରୀ ଦେହସମୁଦ୍ଭବାଂ ତ୍ରିଜଗତାମାଧାର ଭୂତାଂ ମହା-
ପୂର୍ବାମନ୍ତ୍ର ସରସ୍ୱତୀମନୁଭଜେ ଶୁମ୍ଭାଦିଦୈତ୍ୟାଦିନୀମ୍ ।।

ଏହି ମନ୍ତ୍ରର ଅର୍ଥ ହେଲା - ସରସ୍ୱତୀଙ୍କ ବାହନ ହେଉଛି ହଂସ । ସେ ଆକାଶ ଓ ଭୂମିରେ ଚାଲେ । ସେ କ୍ଷୀରରୁ ପାଣିକୁ ପୃଥକ କରିଦିଏ । ଯାହା ଉପରେ ସରସ୍ୱତୀଙ୍କର କୃପା ହୁଏ, ତା ଉପରେ ସଂହାରର ପ୍ରଧାନ ଦେବୀ ମହାକାଳୀ ତଥା ସାଧନର ଦେବୀ ମହାଲକ୍ଷ୍ମୀ ସ୍ୱୟଂ ପ୍ରସନ୍ନ ହୋଇଥାନ୍ତି । ଲୌକିକ ଦୃଷ୍ଟିରୁ ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀ ଭିନ୍ନ ହେଲେ ମଧ୍ୟ ସେ ଏକ । ଲୌକିକ ବ୍ୟବହାରରେ ଏହି ତିନି ଦେବୀଙ୍କର ଉପାସନା ଉଚିତ୍ ଅଟେ । କାରଣ ସେମାନଙ୍କ ଦ୍ୱାରା ଅଭ୍ୟୁଦୟ ଏବଂ ନିଃଶ୍ରେୟସ ଉଭୟ ସିଦ୍ଧି ହୋଇଥାଏ । ଫଳରେ ଧର୍ମ ହୋଇଥାଏ । ବୈଶେଷିକ ଦର୍ଶନରେ ଉଲ୍ଲେଖ ଅଛି -

"ଯତୋଽଭ୍ୟୁଦୟନିଃ ଶ୍ରେୟସସିଦ୍ଧିଃ ସ ଧର୍ମଃ ।"

*ଓଡ଼ିଆ ଅଧ୍ୟାପକ, ଚୌଦ୍ୱାର ମହାବିଦ୍ୟାଳୟ, କଟକ*


**।। ପବିତ୍ର ଦୀପାବଳୀ ଅଭିନନ୍ଦନ ।।**

**ଆଲୋକର ପର୍ବ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି**

**ଐଶ୍ୱର୍ଯ୍ୟା ଦାଶ**
**ଛାତ୍ରୀ, ବାଣିଜ୍ୟ ବିଭାଗ (୨ୟ ବର୍ଷ)**
**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**

# ଆଲୋକର ଯାତ୍ରା ଦୀପାବଳି

**- ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**

ନଦୀ ପୂର୍ଣ୍ଣଗର୍ଭା ହେଲେ ଯାଏ ଅନନ୍ତ ଅସୀମ ସାଗରରେ ମିଶିବା ପାଇଁ। ଲକ୍ଷ୍ୟ ତାର ବୃହତ, କ୍ଷୁଦ୍ର ହେଲେ ମଧ୍ୟ ବୃହତ ସହିତ ମିଶିବା ତାର ଲକ୍ଷ୍ୟ। ପକ୍ଷୀ କ୍ଷୁଦ୍ର ହେଲେ ମଧ୍ୟ ଅନନ୍ତ ଆକାଶରେ ମୁକ୍ତ ଭାବେ ଉଡିବା ତାର ଲକ୍ଷ୍ୟ କାରଣ ଏ ବନ୍ଧନକୁ ତୁଟାଇ ମୁକ୍ତ ହେବା ତାର ଲକ୍ଷ୍ୟ। ରାତ୍ରୀ ଅନ୍ଧକାର ହେଲେ ମଧ୍ୟ ଅପେକ୍ଷା ତାର ସୁ ପ୍ରଭାତକୁ ଯେଉଁଠି ସୂର୍ଯ୍ୟଙ୍କର ସ୍ନିଗ୍ଧ କିରଣ ତାର ଅନ୍ଧକାରର ବୃକ୍ଷକୁ ଆଲୋକିତ କରିବ। ସେହିପରି ଅଜ୍ଞାନ ତାର ଅନ୍ଧକାରକୁ ଦୂରକରି ହୃଦୟର ଜ୍ଞାନାଲୋକର ଦୀପାଳି ଜାଳିବାହିଁ ଦୀପାବଳିର ମୁଖ୍ୟ ଲକ୍ଷ୍ୟ। ହିନ୍ଦୁ ଶାସ୍ତ୍ରର ପର୍ବ ପର୍ବାଣିର ମୁଖ୍ୟ ଲକ୍ଷ୍ୟକୁ ହୃଦୟଙ୍ଗମକଲେ ଆମେ ସ୍ପଷ୍ଟ ଜାଣିପାରିବା ଏହା ଆମ ଜୀବନ ଯାତ୍ରାରେ କେତେ ଉପାଦେୟ।

ଦୀପାବଳି ପର୍ବ ପାଳନରେ ପଶ୍ଚାତରେ ଏକ କିମ୍ବଦନ୍ତୀ ବା ପୌରାଣିକ କାହାଣୀ ରହିଅଛି। ମର୍ଯ୍ୟାଦା ପୁରୁଷୋତ୍ତମ ରଘୁକୂଳ ତିଳକ ପ୍ରଭୁ ଶ୍ରୀରାମ ଯେତେବେଳେ ଲଙ୍କାଧିପତି ରାବଣକୁ ନିପାତକରି ମାତା କୈକେୟୀଙ୍କ ବରଦାନରେ ଚଉଦବର୍ଷ ବନବାସ ସାରି ମା'ସୀତାଠାକୁରାଣୀ ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ ସେହିଦିନ ପ୍ରଭୁ ଶ୍ରୀରାମଙ୍କୁ ସ୍ୱାଗତ କରିବା ପାଇଁ ଅଯୋଧ୍ୟାବାସୀ ଘରେ ଘରେ ମଙ୍ଗଳ କଳସୀ ବସାଇ ଦୀପଜାଳି ପ୍ରଭୁଙ୍କୁ ସ୍ୱାଗତ କରିଥିଲେ। ଦୀର୍ଘ ଚଉଦବର୍ଷରେ ପ୍ରଭୁଶ୍ରୀରାମଙ୍କ ବିରହର ସମଗ୍ର ଅଯୋଧ୍ୟାବାସୀ ବିରହ ବିଷର୍ଣ୍ଣ ହୋଇ ପଡିଥିଲେ। ଏମିତିକି ପ୍ରଭୁଙ୍କର ବିରହରେ ଅଯୋଧ୍ୟାର ଘରଗୁଡ଼ିକ ମଶାଣି ପରି ଦେଖାଯାଉଥିଲା। ସୁତ, ହିତ, ମିତ ସବୁ ଭୂତ ପରି ପ୍ରତୀୟମାନ ହେଉଥିଲେ। ସରିତ୍ୱା ନଦୀରେ ସ୍ରୋତଗୁଡିକ ନିସ୍ତବ୍ଧ ହୋଇ ଯାଇଥିଲେ ଓ ନଦୀ ସରୋବରଗୁଡିକ ପ୍ରାଣହୀନଥିଲେ। ସମଗ୍ର ଅଯୋଧ୍ୟାବାସୀ ଶ୍ରୀରାଧାଙ୍କ ବିହୁନେ ହତପ୍ରାଣ ହୋଇ ଯାଇଥିଲେ। ତୁଳସୀ ଦାସଙ୍କ ଭାଷାରେ -

ଘର ସମାନ ପରିଜନ ଜନ, ଭୂତ<br>
ସୁତହିତ ମିତ ମନହୁଁ ଯମଦୂତ।<br>
ବାଗହ୍ନ ବିଟପ ବେଲି କୁହ୍ନୀ ଲାହାଁ<br>
ସରିତ ସରୋବର ଦେଖି ନ ଜାହାଁ।

ଏହିପରି ହତୋତ୍ସାହୀ ଅଯୋଧ୍ୟାବାସୀ ଚଉଦବର୍ଷପରେ ପ୍ରଭୁଶ୍ରୀରାମଙ୍କ ପ୍ରତ୍ୟାଗମନରେ ଏତେ ଉଲ୍ଲସିତ ହୋଇ ପଡିଥିଲେ ଯେ ପ୍ରଭୁଙ୍କୁ ଘରେ ଘରେ ଦୀପଜାଳି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ଯାହାକୁ ଦୀପାବଳି ପର୍ବଭାବେ ଆମେ ପାଳନ କରୁଛୁ।

ସେହିପରି ଅନ୍ୟ ଏକ କାହାଣୀ ମହା ଭାରତର ପାଣ୍ଡବମାନେ କୌରବାମାନଙ୍କ ଠାରୁ ପଶାଖେଳରେ ହାରି ପରାଜିତ ହେବାପରେ ତେରବର୍ଷ ବନବାସ କରିଥିଲେ ଓ ତେରବର୍ଷପରେ ଏହିଦିନ ସେମାନେ - ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେଦିନ ମଧ୍ୟ ରାଜ୍ୟବାସୀ ତାଙ୍କୁ ଦୀପଜାଳି ସ୍ୱାଗତ କରିଥିଲେ। ତେଣୁ ଏସବୁ ପୌରାଣିକ କିମ୍ବଦନ୍ତୀରୁ ସ୍ପଷ୍ଟ ହୁଏ ଦୀପାବଳି ହେଉଛି ଏକ ଜୟଯାତ୍ରାର ଦିନ। ପ୍ରଭୁ ଶ୍ରୀରାମ ରାବଣ ରୂପକ ଆସୁରିକ ପ୍ରବୃତିକୁ ମୃତ୍ୟୁଦଣ୍ଡ ଦେଇ ପୁଣି ଜୀବନ ଯାତ୍ରାରେ ସାମିଲ୍ ହୋଇଥିଲେ ଏହି ଦୀପାବଳି ଦିନ ଓ ପାଣ୍ଡବମାନେ ମଧ୍ୟ ଅସତ୍ୟ ଉପରେ ସତ୍ୟକୁ ସ୍ଥାପନା କରିବା ପାଇଁ ପୁଣି ନିଜ ରାଜ୍ୟକୁ ଫେରିଥିଲେ ଏହି ଦୀପାବଳି ଦିନ। ତେଣୁ ଏସବୁ କାହାଣୀ ଯାହାହେଉନା କାହିଁକି ଏହାର ସନ୍ଦେଶ ମହତ୍ତର। ଅଜ୍ଞାନ ରୂପକ

ଅନ୍ଧକାର ଆମ୍ଭ ମାନସିକତା ବା ଚିତ୍ତ କୁ ସଦା ଆଚ୍ଛାଦିତ କରି ରଖିଛି । ଯେଉଁଥିପାଇଁ ଆମ୍ଭ ଚେତନା ଅନ୍ଧକାରାଛନ୍ନ ହୋଇ ରହିଛି । କସ୍ତୁରୀ ମୃଗସମ ଆମ୍ଭ ହୃଦୟ କନ୍ଦରରେ କସ୍ତୁରୀରୂପକ ଦିବ୍ୟ ଆଲୋକ ରହିଥିଲେ ମଧ୍ୟ ଆମ୍ଭ ଭିତରେ ଥିବା ଆସୁରିକ ବଳୟ ଭିତରେ ତାହା ଲୁକ୍କାୟିତ ହୋଇ ରହିଯାଉଛି । ତେଣୁ ଏହି ଆସୁରିକ ଶକ୍ତିକୁ ଉତ୍ପାଦନ କରିବାକୁ ହେଲେ ଆମକୁ ଆମ ହୃଦୟର ଅନ୍ଧକାର ତମସା ମଧ୍ୟରେ ଦିବ୍ୟତାର ଦୀପାଳି ଜାଳିବାକୁ ପଡିବ ।

ନିଜର ପ୍ରକୃତିସ୍ୱରୂପ ପ୍ରତି ସତ୍ୟବଦ୍ଧ ହୋଇ ରହିବା ନିଜର ଜୀବନକୁ ନିଜ ଦିବ୍ୟତାର ଏକ ବ୍ୟକ୍ତିରୂପ କରି ଗଢ଼ିତୋଳିବା ଉଦ୍ଦେଶ୍ୟ ରଖି ସତ୍ୟ ପ୍ରଦର୍ଶନ ପାଇଁ ଜୀବନ ଧାରଣ କରିବା ହିଁ ଚରମ ଦୀପାବଳିର ଅର୍ଥ । କାରଣ ମନୁଷ୍ୟ ହିଁ ଦିବ୍ୟ, ତାର ଚେତନା, ତାର ବଚନ ଦିବ୍ୟ ହେଲେ ଜଣେ ଦିବ୍ୟ ଜୀବନ ଯାପନ କରିପାରିବ ଓ ଜୀବନରୁ ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରି ଦିବ୍ୟତାର ଆଲୋକ ସନ୍ଦର୍ଶନ କରି ପାରିବ ।

ଦୀପାବଳି ଅବସରରେ ପୁରି କାଳୀପୂଜାର ପରମ୍ପରା । ଯିଏ ହେଉଛନ୍ତି ଆଦ୍ୟାଶକ୍ତି, ଜଗଦମ୍ବା, ମା ଜଗତ୍ ଜନନୀ ଯାହାଙ୍କୁ ଆରାଧନା କଲେ ଜୀବନ ଅଜ୍ଞାନତାର ଅମାବାସ୍ୟା ଦୂରୀଭୂତ ହୋଇ ଦିବ୍ୟାଲୋକର ଆଲୋକବର୍ତ୍ତିକା ଉଦ୍‌ଭାସିତ ହୁଏ । ତେଣୁ ଆମ୍ଭେ ଏହିପରି ଆମ ପରମ୍ପରା ଓ ସଂସ୍କୃତି ସହିତ ଜଡିତ ହୋଇଥିବା ପ୍ରତ୍ୟେକ ପର୍ବକୁ ଯେମିତି ଜାକଜମକରେ ପାଳନ କରୁଛୁ ସେମିତି ତା'ର ତାତ୍ପର୍ଯ୍ୟବା ତାର ମହତ୍ତ୍ୱ ର ସନ୍ଦେଶକୁ ବୁଝିବା ଆବଶ୍ୟକ ଓ ତଦ୍ ଅନୁସାରେ ନିଜକୁ ସଜାଡିବା ଆବଶ୍ୟକ ।

ଅଧ୍ୟାପିକା, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ



## ।। ପବିତ୍ର ଦୀପାବଳୀ ଅଭିନନ୍ଦନ ।।

**ଆଲୋକର ପର୍ବ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି**

**ବାପୁନ୍ ପଣ୍ଡା**
**ଜାଳିଆ ଭେରାଇଟି ଷ୍ଟୋର୍**

# ହୀନକପାଳି

- ଶ୍ରୀ ସତ୍ୟ ନାରାୟଣ ନନ୍ଦ

ଚିତ୍ରୋତ୍ପଳା ନଦୀ ଉପରୁ ଦଲକାଏ ଉତ୍ତରା ପବନ ବହିଆସିଲା । ରାତି ଦିପହର ହେବ । ସ୍କୁଲ ବାରଣ୍ଡାରେ ଘୋଡେଇ ହୋଇ ଶୋଇଥିବା ରତନିର ଦେହ ଥରି ଉଠିଲା । ନିଦ ଭାଙ୍ଗିଗଲା ତା'ର । ଆଖି ମଳି ମଳି ଆକାଶକୁ ଚାହିଁଲା ସେ । ପଶ୍ଚିମ ଦିଗରେ ଜହ୍ନ ବୁଡ଼ିବାକୁ ଯାଉଛି । ଗଛର ପତ୍ରସବୁ ପବନରେ ହଲି ହଲି ଗୀତ ଗାଉଛନ୍ତି । ରତନି, ସପନା ବେହେରା ସ୍ତ୍ରୀ । ଏଇ ଗାଁକୁ ସେ ପଚାଶ ବର୍ଷ ତଳେ ବୋହୂ ହୋଇ ଆସିଥିଲା । ବର୍ତ୍ତମାନ ବୟସ ସତୁରି ପାଖାପାଖି । ଏ ପରିଣତ ବୟସରେ ଏଭଳି ଅଘଟଣ ଘଟିବ ବୋଲି ସେ କେବେ କଳ୍ପନା କରିନଥିଲେ । ଦୁଇମାସ ତଳୁ ସେ ଏଇ ବାରଣ୍ଡାରେ ଆଶ୍ରୟ ନେଉଛି । ତା'ପୁଅ ତାକୁ ଘରୁ ବାହାର କରିଦେଇଛି । ପୁଅ ବୋହୂ ମିଶି ତା' ହାତ ଟାଣି ଟାଣି ଆଣି ଏଇଠି ଛାଡ଼ିଦେଲେ । ଏଇ ନଇ ବନ୍ଧ ଆରପଟେ ତା'ଘର । ସେ ଆଉ ତାର ସାମୀ ମିଶି ସେ ଘର ତିଆରି କରିଥିଲେ । କୋଠାଘର, ଏଥିପାଇଁ ଦୁହିଁଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି । ତଥାପି ତା'ର ଆଜି ଏ ଅବସ୍ଥା । ଦୂର ଅତୀତ ଆଖି ଆଗରେ ନାଚିଗଲା । ଯେବେ ସେ ଏ ଘରକୁ ବୋହୂ ହୋଇ ଆସିଥିଲା, ସେତେବେଳେ ଥିଲା ଦୁଇ ବଖରା ଚାଳଘର ଆଉ ଖଣ୍ଡେ ରୋଷେଇ ଚାଳି । ଏଭଳି ଅବସ୍ଥା ଦେଖି ସେ ଭାଙ୍ଗି ପଡ଼ିନଥିଲା । ସାହସର ସହିତ ଆଗେଇ ଚାଲିବାକୁ ସାମୀଙ୍କୁ ବାରମ୍ବାର କହୁଥିଲା । ସାମୀ ତାର ଥିଲେ ଭାରି ପରିଶ୍ରମୀ । ଗୋପାଳ ଘର ହେଲେ ବି ଗାଈଗୋରୁ ଧନ୍ଦା ନଥିଲା ତାଙ୍କର । ସାମୀ ତାର ଚାଷବାସ କରୁଥିଲେ । ବିବାହ ବେଳେ ପାଲିଙ୍କି ଆଉ ସବାରି କାନ୍ଧେଇବାରେ ସେ ଥିଲେ ଓସ୍ତାଦ୍ । ସେଥିରୁ ଦିପଇସା ଭଲ ରୋଜଗାର ହେଉଥିଲା । ସେ ସବୁ ପଇସା ସାମୀ ତା' ହାତକୁ ବଢ଼େଇ ଦେଉଥିଲେ । ଏମିତି ପଇସା ସଞ୍ଚୟ କରିବାକୁ ଶିଖିଲା ରତନି ।

ଏଭଳି ସାଞ୍ଚୟ ସେ ଦିନେ କୋଠାଘରର ସପ୍ନକୁ ସାକାର କରିବ ତା' ସେ ଭାବିପାରିନଥିଲା । ପରିବାର ସଂଖ୍ୟା ବେଶୀ ନଥିଲା । ଚାଷ ବାସରୁ ଯାହା ଆୟ ହେଉଥିଲା ଖୁସିରେ ଚଳିଯାଉଥିଲେ ସେ । ସାମୀ ତାର ବିଭିନ୍ନ ଧନ୍ଦାରେ ପାରଙ୍ଗମ ଥିଲେ । ନଡିଆଗଛ ଚଢ଼ି ନଡ଼ିଆ ପାରି ପାରୁଥିଲେ । ନଈରେ ମାଛ ଧରି ପାରୁଥିଲେ । କୀର୍ତ୍ତନ ଦଳରେ ମଧ ଭଲ ଗାଇ ପାରୁଥିଲେ । ସବୁ ଆଡୁ କିଛି କିଛି ରୋଜଗାର ହେଉଥିଲା । ସବୁ ରୋଜଗାର ହିସାବ ରଖୁଥିଲା ରତନି । ଦିନେ ରାତି ଅଧ ହେବ, ସାମୀଙ୍କୁ ସେ ନିଦରୁ ଉଠାଇଲା । ସେତେବେଳକୁ ତା'ପୁଅ ଜଗନ ଜନ୍ମ ହୋଇଥିଲା । ସାମୀ ତାର ନିଦରୁ ଉଠି ବସିଲେ । ଆଉ ପଚାରିଲେ, "କଣ ଅସୁବିଧା ହେଲା କି ?" ନାଁ, ଗୋଟିଏ କଥା କହିବି" । ଧୀର ସରରେ କହିଲା ରତନି, "କୁହ ।"

" ଗୋଟିଏ କୋଠାଘର କଲେ ହୁଅନ୍ତାନି"

"କୋଠାଘର ପାଇଁ ଏତେ ପଇସା କାହିଁ"

"ମୁଁ ରଖିଛି, ସାଥେ ସାଥେ ତୁମକୁ ଦଉଛି ।"

ଏତକ କହି ମୁଣ୍ଡତଳୁ ବିଡାଏ ନୋଟ୍ ବାହାର କରି ସାମୀଙ୍କ ହାତକୁ ବଢ଼ାଇ ଦେଇଥିଲା ସେ । ଲଣ୍ଠନ ଆଲୁଅରେ ସାମୀ ତା'ର ପଇସା ଗଣି ଆଶ୍ଚର୍ଯ୍ୟ ହୋଇଯାଇଥିଲା ।

"ଏତେ ଟଙ୍କା ତୁମେ ଆଣି କେଉଁଠୁ ?"

"ବିବାହ ପରଠାରୁ ମୋ ହାତକୁ ଯେତେ ପଇସା ଦେଇଛ, ଏ ହେଲା ସେଇ ଟଙ୍କା । କ'ଣ ଆମେ ଘର କରିପାରିବାନି ?"

"ନିଶ୍ଚୟ, ଏ ବର୍ଷ ଶୀତଦିନକୁ ଇଟା ପକାଇବା । ଆର ବର୍ଷକୁ ଘର ତିଆରି କରିବା, କ'ଣ ଖୁସିତଃ !

ଓଠରେ ଅଳ୍ପ ହସ ଖେଳାଇ ସମ୍ମତି ଜଣାଇଲା ରତନି । ସେଇ ହସରେ ସପନା ବେହେରା ଦେଖୁଥିଲା । ସୁନ୍ଦର କୋଠାଘରର ସପ୍ନ ।

ଶୀତଦିନ ଆସିଲା, ପେନ୍ଥା ପେନ୍ଥା ସୋରିଷ ଫୁଲ ଯେତେବେଳେ କୋଳଥ କିଆରୀର ହିଡରେ ଫୁଟିଲା, ରତନି ଘର କରିବା କଥା ମନେ ପକାଇଦେଲା । ସପନା ବି ସେ କଥା ମନରୁ ଭୁଲି ନଥିଲା । ଦିନେ ସଞ୍ଜବେଳେ ସେ ଗଲା ଇଟା ପକାଇବା ଲୋକ ଠିକ୍ କରିବାକୁ । ରାତି ପହରକୁ ଫେରିଲା ସେ । ରତନି ଅପେକ୍ଷା କରିଥିଲା । ଚୁଲି ମୁଣ୍ଡରେ ଖାଇବାକୁ ବାଢ଼ିଦେଲା । ଖାଉ ଖାଉ ସପନା

କହିଲା "ଅଗିରା ପୁନେଇଁ ବାସି ସେମାନେ ଇଟା ପକାଇବାକୁ ଆସିବେ। ନଈକୂଳରେ ଆମର ଯେଉଁ ବାଡ଼ି ଅଛି, ତାକୁ ସଫା କରିବାକୁ ପଡ଼ିବ। ମାସେ ସମୟ ଅଛି, ସବୁ ଠିକ୍ ହୋଇଯିବ।" ରତନିର ଆଖି ଆଗରେ ସୁନ୍ଦର କୋଠାଘରର ଛବି, ଛଡ଼ିବର୍ଷା ଶୀତରୁ ରକ୍ଷା ମିଳିବାର ସହଜ ଉପାୟ।

ଇଟା ପଡି ଯେଉଁଦିନ ଇଟା ଭାଟିରେ ନିଆଁ ଲଗାଗଲା, ସେଦିନ ରତନି ବ୍ରାହ୍ମଣ ଡାକି ପୂଜା କରିଥିଲା। ଆଉ ସାହିରେ ସମସ୍ତଙ୍କ ଘରେ ଭୋଗ ବାଣ୍ଟିଥିଲା। ଛୋଟ ଛୋଟ ପିଲାଙ୍କୁ ଇଟାଭାଟି ପାଖରେ ବି ଭୋଗ ଖାଇବାକୁ ଦେଇଥିଲା। ତା'ପରେ ଆରମ୍ଭ ହେଲା ଘର ତିଆରି ଯୋଜନା। କେମିତି ଘର ହେବ, କେତେ ବଖରା ହେବ, ତା'ରାଶିକୁ କେଉଁ ଭାଗ ଶୁଝିବ, ସବୁ ବିଷୟରେ ଆଲୋଚନା ପରେ ସପନା ଦିନେ ଗଲା ଅବାନ ଘରକୁ। ତା'ରାଶି ବିଷୟରେ ଭାଗପତ୍ର ନେଇ ଆସିଲା। ଶୁଭବାର ମୂହୁର୍ତ୍ତ ଦେଖି ଅବଧାନ ଆସି ଭାଗ କାଟିଦେଇଗଲେ। ଆରମ୍ଭ ହେଲା ଘର, କୋଠାଘର। ହଠାତ୍ ସେ ଘର କରିପାରିନି, ଅନେକ ସମୟ ଲାଗିଛି। ସୀମିତ ରୋଜଗାରରେ ଏମିତି କାମ କରିବା ଯେ କି କଷ୍ଟ ସେ କଥା ସପନା ବୁଝିଛି, ରତନି ବି ହୃଦୟଙ୍ଗମ କରିଛି। ହେଲେ ଆଜି ସେଇଘରୁ ତା'ପୁଅ ତାକୁ ବାହାର କରି ଦେଇଛି। ସପନା ବେହେରା ଅନେକଦିନୁ ମରିଗଲାଣି। ତା'ସାମୀ ମରିବାର ଦିନ ସେ ବି ଭୁଲିପାରିନି। ଦୋଳ ବିମାନ ଘରେ ଭୋଗ ଖାଇବାକୁ ଆସିଲାବେଳର ଘଟଣା। ସପନା ପଇଡ ତୋଳିବାକୁ ନଡ଼ିଆଗଛ ଚଢୁଥିଲା। ଦଉଡ଼ି ଲଗାଇ ପଇଡ଼ କାନ୍ଦି ଖସାଇ ଦେଲା। ହଠାତ୍ କ'ଣ ହେଲା କେଜାଣି, ସେ ନଡ଼ିଆ ଗଛରୁ ଖସିପଡିଲା, ଜୀବନ ଶେଷ। ସେଇଦିନୁ ରତନି ଭାଗ୍ୟରେ କଳାମେଘ ଢ଼ାଙ୍କି ଆସିଲା। ରୋଜଗାର କମି ଆସିଲା, ଜଗନ ସେତେବେଳକୁ ମଣିଷ ହୋଇନି। ବହୁ ସଂଘର୍ଷ ଭିତରେ ସେ ଜଗନକୁ ମଣିଷ କରିଛି। ବଡ଼ କରିଛି। ବାହା ଦେଇଛି। ଘରକୁ ବୋହୂ ଆଣିଛି। ଘରେ ବି ନାତି ନାତୁଣୀଙ୍କ କୋଳାହଳ ଶୁଣିଛି। କିନ୍ତୁ ଆଜି କ'ଣ ହେଲା ପରିଣାମ। ଆଶ୍ରୟ ଏଇ ସ୍କୁଲ ବାରଣ୍ଡା। ସେ କିଛି ଖରାପ କାମ କରିନି। କେବଳ ଶାଶୁ ହିସାବରେ ବୋହୂକୁ ଯାହା ଆକଟ କରିଛି। ମାଆ ହିସାବରେ ପୁଅକୁ ଉପଦେଶ ଦେଇଛି। ତଥାପି ସେ ଏମିତି ଦଶା କାହିଁକି ଭୋଗୁଛି? ଆଉ ଭାବି ପାରିଲାନି ରତନି। ପଶ୍ଚିମ ଆକାଶରେ ଜହ୍ନ ବୁଡିବାକୁ ବସିଲାଣି। ଧୀରେ ଉଠି ଠିଆହେଲା ସେ। ନଈ କୂଳରେ ବରାହନାଥ ମନ୍ଦିର, ସାମନାରେ ନୀଳକଣ୍ଠେଶ୍ୱର ଶିବ ମନ୍ଦିର। ସେଇ ବେଢ଼ାପାଖକୁ ଧୀରେ ଧୀରେ ଚାଲି ଚାଲି ଗଲା। ମନ୍ଦିରର ପଇଡ, ଦ୍ୱାର ବନ୍ଦ। ସବୁଆଡେ ଅନ୍ଧାର, ମନ୍ଦିରର ତଳ ପାହାଚ ପାଖରେ ବସିଲା ସେ। ଭାରି ଦୁର୍ବଳ ଲାଗୁଥିଲା ତାକୁ। ଦୁଇମାସ ହେଲା ଖିଆ ପିଆରେ ଠିକ୍ ନାହିଁ। ପିଲାଙ୍କ ମଧ୍ୟାହ୍ନ ଭୋଜନରୁ ବା କେତେ ଖାଇବାକୁ ମିଳେ। ଦୁଇହାତ ଯୋଡ଼ି ଚାହିଁଲା ମନ୍ଦିର ଭିତରକୁ। ଠାକୁରଙ୍କୁ ଦେଖି ନ ପାରିଲେ ବି ମନରେ କହୁଥିଲା, "ତୁମେ ତ ମୋର ସବୁ କଥା ଜାଣିଛ, ତୁମକୁ ଦର୍ଶନ କରୁଛି । ଏ ନଈରୁ ଗାଧୋଇ ଘରକୁ ଫେରିଲା ବେଳକୁ ମୁଣ୍ଡିଆ ମାରିଛି। ଜଗନ ଟିକେ ବଡ଼ ହେଲାପରେ ମୋ ସାଥିରେ ତାକୁ ଆଣିଛି। ଏଇଠି ସେ କେତେ ଖେଳିଛି। ମୋର କାନି ଧରି କେତେ ଅଝଟ କରିଛି। ତାକୁ ମୁଁ କାଖେଇ ନେଇ ଘରକୁ ଯାଇଛି। ଏବେ କ'ଣ ହେଲା ତା'ର ? ସେ ଏମିତି କାହିଁକି ବଦଳିଗଲା! ମୁଁ ତା'ର କ'ଣ ବା ଦୋଷ କରିଛି। ମାଆ ମୁଁ, ଶାଶୁ ମୁଁ । ମୋର କ'ଣ କହିବାର ପଦେ ଅଧିକାର ନାହିଁ। ମୋ ଘରେ ମୁଁ କହିବିନି ତ କହିବ କିଏ ? ଆଉ ଭଲ ଲାଗୁନି। ଜୀବନକୁ ମୋର ମୋହ ତୁଟି ଗଲାଣି। ମୋ ଗେରସ୍ତ ଅନେକ ଦିନ ହେଲା ପରପାରିକୁ ଗଲେଣି। ହେଲେ ଯେ ଆଜି ଏ ଦଶା, ସେ ଥିଲେ କେତେ ମନଦୁଃଖ କରିଥାନ୍ତେ। ଏ ଗାଁରେ ତ ଅନେକ ମାଆ, ପୁଅ ଅଛନ୍ତି। ସମସ୍ତେ କ'ଣ ଜଗନ ପରି ତା' ମାଆକୁ ଦାଣ୍ଡରେ ଛାଡ଼ି ଦେଉଛନ୍ତି। ସେ ଏମିତି କାମ କାହିଁକି କଲା ? ପୁଅ ମୋର, ତା' ଅମଙ୍ଗଳ ମୁଁ କାମନା କରିପାରିବିନି। ମୋତେ ଏ ଯନ୍ତ୍ରଣାରୁ ଉଦ୍ଧାର କର ପ୍ରଭୁ, ଉଦ୍ଧାର କର। ଠାକୁରଙ୍କ ପାଖରେ ମୁଣ୍ଡିଆଟେ ମାରି ପୂର୍ବ ଦିଗକୁ ଚାଲିଲା ରତନି। କୁଆଁତାରା ଦିକ୍ ଦିକ୍ ହୋଇ ଜଳୁଥିଲା। ଚିତ୍ରୋପ୍ଳା ନଈ ଉପର ଆକାଶରେ । ଫେରି ଆସିଲା ସେ ସ୍କୁଲ୍ ବାରଣ୍ଡାକୁ।

ସକାଳ ହେଲା, ପ୍ରକୃତି ଚଳ ଚଞ୍ଚଳ ହୋଇଉଠିଲା। ଚଢ଼େଇମାନେ ଗୀତ ଗାଇଲେ, ଏକ ବିରହ ରାଗରେ। ରତନି ଆଉ ଉଠିଲାନି, ସକାଳ ଦେଖିବାକୁ। ଗାଁ ଲୋକମାନେ ତା' ଚାରିପଟେ ଘେରି ଯାଇଥିଲେ, ସମସ୍ତେ କହୁଥିଲେ "ଆହା, ବିଚରା ମରିଗଲା ! ହୀନ କପାଳୀ ମାଆ ଟେ ସେ, ସବୁ ଥାଇ କିଛି ନଥିଲା ପରି। ଶେଷକୁ ଏଇ ଅବସ୍ଥା।...

ବାଲିସାହି, ସାଲେପୁର, କଟକ

# ପରିବର୍ତ୍ତନ

-ସଞ୍ଜୁଲତା ପ୍ରଧାନ

ସାମାନ୍ୟ ରାସ୍ତାର ବର୍ଣ୍ଣନା କରିବାକୁ ଗଲେ ଜଣେଯାଏ ଯେ ଗୋଟିଏ ମଣିଷ ଯଦି କୌଣସି କାମରେ ବାହାରିଥାଏ ସେ ତାର ଲକ୍ଷସ୍ଥଳରେ ପହଁଞ୍ଚିବାକୁ ଚାହୁଁଥାଏ ତାହେଲେ ସେହି ରାସ୍ତାରେ ଯିବା ବାଟରେ ଅନେକ ଅଙ୍କା ବଙ୍କା ଖାଲଢିପ ପଡିଥାଏ। ତାହେଲେ କ'ଣ ସେହି ମଣିଷ କଷ୍ଟକୁ ସାମ୍ନାକରି ଫେରି ଆସିବ। କ'ଣ ତା'ର ଜୀବନର ଲକ୍ଷ୍ୟ ସ୍ଥଳରେ ପହଁଞ୍ଚିବାକୁ ଆଗ୍ରହ କରି ପାରିବ ନାହିଁ। ଏହା ହେଉଛି ଗୋଟିଏ କାପୁରୁଷର କାମ, ବା ପୁରୁଷ କେବେହେଲେ ବି କଷ୍ଟକୁ ସାମ୍ନା କରିପାରିବ ନାହିଁ। ସେ ସବୁବେଳେ ସବୁ କ୍ଷେତ୍ରରେ ପଛ ଘୁଞ୍ଚି ଦେଇଥାଏ।

ସେହିପରି ଜୀବନ ରାସ୍ତାରେ ଅନେକ ଥର ବାଟର ପରିବର୍ତ୍ତନ ଦେଖାଦେଇଥାଏ। କେତେବେଳେ କଷ୍ଟ ତ କେତେବେଳେ ଖୁସି। ସତ୍ୟରେ ଚାଲୁଥିବା ଲୋକର ଜୀବନ ରାସ୍ତାରେ ଅନେକ କଣ୍ଟା ଝଟା ଏବଂ ଭଲ ରାସ୍ତା ମଧ୍ୟ ମିଳିଥାଏ କିନ୍ତୁ ସେ କେବେହେଲେ ପଛକୁ ଫେରିଯାଏ ନାହିଁ। ଯେତେକଷ୍ଟ ହେଉପଛେ ନିଜ ଜୀବନର ଲକ୍ଷ୍ୟ ସ୍ଥଳକୁ ହିଁ ଧ୍ୟାନ ଦେଇ ଆଗେଇ ଚାଲେ। କାହାର କଥା ପ୍ରତି ଦୃଷ୍ଟିଗୋଚର କରେ ନାହିଁ।

ଜୀବନ ରାସ୍ତାରେ ପରିବର୍ତ୍ତନ ମଧ୍ୟରେ ମଣିଷର ମନ ମଧ୍ୟ ପରିବର୍ତ୍ତନ ହେଉଛି। କିଏ ସତ୍ୟରେ ଚାଲୁଛି ତ କିଏ ଅସତ୍ୟ ପଥେ ଚାଲୁଛି। ସତ୍ୟ ପଥେ ଚାଲୁଥିବା ମଣିଷ ପରିସ୍ଥିତିରେ ପଡି ଅସତ୍ୟକୁ ସାଥି କରିଥଏ ।। ସେତେବେଳେ ସେ ତା'ର କର୍ତ୍ତବ୍ୟ ଭୁଲିଯାଏ। ଅସତ୍ୟ ମଣିଷର ମଧ୍ୟ ପରିବର୍ତ୍ତନ ହୋଇ ସତ୍ୟରେ ଚାଲିଥାଏ। ଯେମିତି ସମୟର ପରିବର୍ତ୍ତନ ହୁଏ। ଦିନ ରାତିର ପରିବର୍ତ୍ତନ ହୁଏ। ସେହିପରି ମଣିଷର ମଧ୍ୟ ପରିବର୍ତ୍ତନ ହୁଏ। ଆଉ ସେହି ପରିବର୍ତ୍ତନ ଗୋଟିଏ ଛୋଟ ପିଲାର କାହାଣୀ ଯିଏ କି ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ।

ସମୟକୁ କେହି ନିଜ ହାତ ମୁଠାରେ ରଖିପାରନ୍ତି ନାହିଁ। ସମୟର ତାଳଦେଇ ମଣିଷ ନିଜର କର୍ତ୍ତବ୍ୟ କରି ଚାଲିଥାଏ।

ସେହିପରି ସେହି ଛୋଟପିଲାଟିର ପରିବାର କହିବାକୁ ଗଲେ ତାର ବାପା, ମା ଏବଂ ତା'ର ବଡ଼ ଭଉଣୀ। ଗୋଟିଏ ପୁଅ ବୋଲି ତାକୁ ସମସ୍ତେ ଭଲ ପାଆନ୍ତି। ସ୍ନେହ ଆଦରର ଅଧିକାର ତାର ବାପା ମା'ଙ୍କ ଲୋକ ଏବଂ ବନ୍ଧୁ ପ୍ରିୟଜନ ଅଜାଡି ଦେଉଥିଲେ। ତା'ଚାଲିବା ବାଟରେ ଫୁଲର ସେଜ ବିଛାଡିହୋଇଯାଉଥିଲା। ସେ ଯେତେବେଳେ ଯାହା ମାଗେ ସବୁ ଆଣି ଦେଇଥାନ୍ତି ତାର ବାପା ମା'।

ଏମିତି ଗୋଟେ ଦିନ ଆସିଲା ସତ୍ୟରେ ଚାଲୁଥିବା ପିଲାଟିର ଜୀବନରେ ଅଧାବାଟେ ଗୋଟିଏ ବଡ଼ ଖାଲର ସମ୍ମୁଖୀନ ହେଲା। ଯେଉଁ କୁନି ପିଲା ସବୁଦିନ ଯାଇ ସାଙ୍ଗ ସାଥୀଙ୍କ ମେଳରେ ଖେଳୁଥିଲା। ସେହିପିଲାମାନଙ୍କ ବୁଦ୍ଧିରେ ପଡି ପାଠ ପଢ଼ାରେ ଧ୍ୟାନ ନଦେଇ ଖେଳ ନିଶାରେ ରହିଲା। କାହାରିକୁ ଖାତର, କଲାନାହିଁ। ସ୍କୁଲରୁ ଫେରିବା ମାତ୍ରେ ସାଙ୍ଗ ପିଲାମାନଙ୍କ ସହ ମିଶି ବାକି ସମୟ ଖେଳରେ କାଟିଦେଉଥିଲା। ଏମିତି ଘରକୁ ଫେରିଲେ ଖରାପ କଥା କହୁଥିଲା କାହାରି କଥା ମାନିଲା ନାହିଁ। ତା'ର ଏହିପରି ବ୍ୟବହାର ଦେଖି ବାପା ମା'ଙ୍କ ମନ କଷ୍ଟ ହେଲା। ତାଙ୍କର ସବୁ ସପ୍ନ ଭାଙ୍ଗିଗଲା ବୋଲି ଭାବିଲେ।

ଏମିତି କିଛିଦିନ ବିତିଗଲା, ଏମିତି ଗୋଟେ ଦିନ ଆସିଲା ସାଙ୍ଗମାନଙ୍କ ବୁଦ୍ଧିରେ ପଡି ସେ ଘରୁ ଚୋରି କରିଲା ୩୦୦ ଟଙ୍କା। ଘରେ ତା'ର ମା' ତିରିଶି ବର୍ଷ ଧରି ତାଙ୍କର ଟଙ୍କା ବାକ୍ସ ଖୋଲା କରି ପକାନ୍ତି। ଚାବି ପକାନ୍ତି ନାହିଁ। ପୂର୍ବଦିନ ସେ ଟଙ୍କା ଗଣି ବାକ୍ସରେ ରଖିଥିଲେ। ଘରେ ପରିବା କିଛି ନଥିବାରୁ ତା' ପରଦିନ ବଜାର ଯିବା ପାଇଁ ଟଙ୍କା ବ୍ୟାଗ୍ ଖୋଲି ଦେଖିଲେ ଯେ ତିନିଶହ ଟଙ୍କା ନାହିଁ।

ମା' ବ୍ୟସ୍ତ ହୋଇପଡିଲେ ତାଙ୍କ ପୁଅ ଝିଅକୁ ପଚାରିଲେ ଏବଂ ବହୁତ ପାଟି କରିଥିଲେ ଏବଂ କହିଥିଲେ ପଇସା କିଏ ନେଇଛ ଯଦି ନ କହିବ ତା'ହେଲେ ସ୍କୁଲ କଲେଜ ଯିବା ବନ୍ଦ। ସକାଳୁ ଦିନ ଦୁଇଟା ବାଜିଗଲା ହେଲେ କେହି କହିଲେ ନାହିଁ। ଝିଅ ତାର ସାନ ଭାଇକୁ କହିଲା ଧନ କହିଦେ ଯଦି ତୁ ନେଇଛୁ। ମା'ଙ୍କ ଆଗରେ ପୁଅ କହିଲା ମୁଁ ପଇସା ନେଇଛି ସାଙ୍ଗମାନଙ୍କ ସହ ମିଶି ସେମାନଙ୍କ କଥାରେ ପଡି ମୁଁ ପଇସା ଚୋରି କରି ନେଇଥିଲି।

ବାପା ମା'ଙ୍କର ମନ ଦୁଃଖରେ ଭାଙ୍ଗି ପଡିଲା। ସେମାନେ କେବେବି ବିଶ୍ୱାସ କରିନଥିଲେ ଯେ ପୁଅ ଏମିତି କାମ କରିବ ବୋଲି । ବାପା ରାଗିଯାଇ ତା'ର ସ୍କୁଲ୍ ବନ୍ଦ କରିଦେଲେ।

ପୁଅ ନିଜର ଭୁଲ୍ ବୁଝିପାରି ମା'ବାପାଙ୍କୁ କ୍ଷମା ମାଗିଲା ଏବଂ ଶପଥ କଲା ଯେ ସେ ପାଠ ପଢ଼ି ଗୋଟିଏ ଭଲ ମଣିଷ ହୋଇବ ଦେଇଥିବା କଥା ସେ ରଖିବାକୁ ବାଧ୍। ତା' ଉପରେ ବିଶ୍ୱାସ କରି ବାପା ମା' ପିଲାଟିକୁ ଗାଁରୁ ହଷ୍ଟେଲ ପଠେଇ ଦେଲେ। ପୁଅ ସେଠି ରହି ଭଲ ପାଠ ପଢ଼ିବାକୁ ଚେଷ୍ଟା କଲା।

କଥାରେ ଅଛି "କଷ୍ଟ କଲେ କୃଷ୍ଣ ମିଳେ" ତାହା ବାସ୍ତବିକ୍ ପରିପ୍ରକାଶ ହେଲା ଯେ ପୁଅଟି ଏମିତି ପାଠ ପଢ଼ିଲା। ସେ ସବୁ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରି ଚାଲିଲା। ବାପା ମା'ଙ୍କର ସେହିଦିନ ହିଁ ବିଶ୍ୱାସ ଆସିଲା। ତାଙ୍କ ଖୁସି କହିଲେ ନସରେ ।

ପୁଅଟି ଜୀବନରେ ପୁରି ଫୁଲର ବର୍ଷା ହେଲା। ଏହା ତା ଜୀମବନର ଏକ ବିରାଟ ପରିବର୍ତ୍ତନ ଆଣିଥିଲା। ଏସବୁ ସେହି ଜଗତର ନାଥ ଜଗନ୍ନାଥଙ୍କ ଲୀଳା।

ଆଜି ପିଲାମାନଙ୍କ ଭବିଷ୍ୟତ ପାଇଁଦାୟୀ ବାପା ମା'। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଦାୟୀ ଶିକ୍ଷକ। ଜୀବନ ରାସ୍ତାରେ ପରିବର୍ତ୍ତନ ପାଇଁ ଦାୟୀ ଶ୍ରୀଜଗନ୍ନାଥ। ସେ ଯେମିତି ଚାହିଁବେ ସେମିତି ହେବ।

ଭଦ୍ରକ


# ॥ ପବିତ୍ର ଦୀପାବଳୀ ଅଭିନନ୍ଦନ ॥

## ଆଲୋକର ପର୍ବ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି

ଯୋଗାଯୋଗ :
୯୮୬୧୦୧୧୬୨୮

ଡକ୍ଟର ଦୀପକ କୁମାର ଦାସ
ଅଧ୍ୟାପକ
ଖ୍ରୀଷ୍ଟ କଲେଜ୍, କଟକ

# ଆଶ୍ରମ

ବନଲତା ସିଂହ

ଆଶ୍ରମ କେତେ ପ୍ରକାରର, ଆଧ୍ୟାତ୍ମିକ ଶିକ୍ଷା ସହ ଯେଉଁଠି ସବୁ ପ୍ରକାର ଶିକ୍ଷା ଦିଆଯାଏ ତାକୁ ଗୁରୁକୁଳ ଆଶ୍ରମ କୁହାଯାଏ । ଅନାଥ ପିଲାଙ୍କୁ ଯେ, ଲାଳନ ପାଳନ କରନ୍ତି ତାକୁ ବାଳାଶ୍ରମ ବା ଅନାଥ ଆଶ୍ରମ କହନ୍ତି । ସେହିପରି ଗୋରୁଗାଈ ପାଇଁ ଯେଉଁ ଆଶ୍ରମ ତାକୁ ଗୋଶାଳା କହନ୍ତି । ଏବେ ଗଢ଼ି ଉଠିଛି ଜରା ଆଶ୍ରମ - ବୃଦ୍ଧ, ବୃଦ୍ଧା, ଦୁଃଖି, ପତିତା, ବିଧବାମାନଙ୍କୁ ନେଇ ଯେଉଁ ଆଶ୍ରମ ଗଢ଼ି ଉଠିଛି ତାହା ସ୍ୱାଗତ ଯୋଗ୍ୟ। କହନ୍ତି ମାନବ ସେବା, ମାଧବ ସେବା। ଯେଉଁ ସରକାରୀ ଓ ବେସରକାରୀ ସଂସ୍ଥା ଏପରି କରିଛନ୍ତି ସେମାନେ ପ୍ରଶଂସିତ ହେବା କଥା। କାରଣ କେତେ ଅମୂଲ୍ୟ ଜୀବନ ଅକାଳରେ ଝଡ଼ିଯିବା ପୂର୍ବରୁ ସେ ତାକୁ ଥଇଥାନ କରି ତାକୁ ସମାଜରେ ପ୍ରତିଷ୍ଠିତ କରାଇ ପାରୁଛନ୍ତି। ଏଣୁ ସେ ଆମ ସମସ୍ତଙ୍କର ପ୍ରଣମ୍ୟ।

ଏସବୁ ପରେ ମଧ୍ୟ ଏକ ସୁନ୍ଦର ଆଶ୍ରମ ଅଛି, ସେ ଗୋଟିଏ ଏପରି ଆଶ୍ରମ ଯେ ସେଠାରେ, ଯେଉଁଠି ଯେତେ ଆଶ୍ରମ ଭିନ୍ନ ଭିନ୍ନ ପ୍ରଣାଳୀରେ ଗଢ଼ି ଉଠି, ସବୁ ଗୁଡ଼ିକ ସେହି ଆଶ୍ରମରେ ହୋଇପାରିବ, ତା'ର ନାଁ ଗୃହସ୍ଥାଶ୍ରମ। ବୈକୁଣ୍ଠ ସମାନ ଆହା ଅଟେ ସେହିଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର। ସୁନ୍ଦର ପରିବାର ଟିଏ ଯଦି ଗଢ଼ାଯାଇ ପାରନ୍ତା, ତେବେ ସେଠାରେ ଆଧ୍ୟାତ୍ମିକ ଠାରୁ ଆରମ୍ଭ କରି, ପଶୁ ପକ୍ଷୀ, ବାଳ ଗୋପାଳ ଓ ଜରା ପର୍ଯ୍ୟନ୍ତ ସମସ୍ତେ ସେବା ପାଇ ପାରନ୍ତେ। ଏକ ଗୃହିଣୀ ଚାହିଁଲେ, ଭଲ ମାଆ ହେବା ସଙ୍ଗେ ସଙ୍ଗେ, ଭଲ ବୋହୂ, ଭଲ ଶିକ୍ଷୟିତ୍ରୀ, ଭଲ ସେବିକା ଓ ସନ୍ୟାସିନୀ ହୋଇ ସଂସାରର ଗୃହସ୍ଥାଶ୍ରମକୁ ସ୍ୱର୍ଗର ବୈକୁଣ୍ଠପୁର କରିପାରବ। ଖାଲି ଟିକେ ସ୍ନେହ, ପ୍ରେମ, ତ୍ୟାଗ, ଆଦର୍ଶ ଓ ସହିଷ୍ଣୁତାରେ ସେ ସୃଷ୍ଟି କରିବ ଦ୍ୱିତୀୟ ସ୍ୱର୍ଗ, ଯେଉଁଥି ପାଇଁ ସ୍ୱର୍ଗର ଦେବତାମାନେ ବି ଫିକା ପଡିଯିବେ। ଦେବତାମାନେ ତ କେବଳ ସୁଖ ଖୋଜନ୍ତି, କିନ୍ତୁ ଆମେ ଦୁଃଖ ନଚାଖିଲେ, ସୁଖକୁ ଅନୁଭବ କରି ପାରିବାନି।

ତେଣୁ ସୁଖ ଦୁଃଖ ସବୁ ସହିଲେ ସଂସାର ସୃଷ୍ଟି ହୁଏ। ଲୋକେ କହିବେ.... କହିବା ତ ସହଜ, କିନ୍ତୁ ଯିଏ ବି କହିବେ ସେ ମଧ ଏ ସଂସାରର ଲୋକ। ଘରେ ଘରେ ଯଦି ଏହିପରି ଦିବ୍ୟ ପରିବାର ସୃଷ୍ଟି ହୁଅନ୍ତେ..... ତାହେଲେ ସ୍ୱର୍ଗ ଆଉ କେତେଦୂର... ? ସଭା, ସମିତି, କ୍ଲବ, ପ୍ରବଚନରୁ ସ୍ନେହ, ପ୍ରେମ ସୃଷ୍ଟି ହୁଏନା, ନିଜେ ବୁଝି ଅନ୍ୟକୁ ବୁଝାଇ କାର୍ଯ୍ୟରେ କରିବା ଓ କରାଇବା ତା ହେଲେ ଆଜି ନ ହେଲେ ବି କାଲି ନିଶ୍ଚୟ ହେବ। ଚାଲନ୍ତୁ ଆମ୍ଭେ ଓ ଆମ୍ଭେମାନେ ; ତୁମେ ଓ ତୁମ୍ଭେମାନେ ; ସେ ଓ ସେମାନେ ମିଶି ଏହାକୁ ବିଚାର କରିବା। ଗୋଟିଏ ଗୃହସ୍ଥାଶ୍ରମରେ ସବୁ ଆଶ୍ରମର ବିଧିବିଧାନ କରିଲେ ଏତେ ଧନର ଆବଶ୍ୟକ ପଡ଼ନ୍ତାନି। ଏତେ ପରିଶ୍ରମ ପାଇଁ ଲୋକେ ଦେଶ ଛାଡ଼ି ବିଦେଶକୁ ଯାଆନ୍ତେନି। ଘର ଡିହକୁ ପଡିଆ ପକାଇ ସହରାଭିମୁଖି ହୁଅନ୍ତେନି, ଆସ ସଭିଏଁ ଅତ୍ୟନ୍ତ, ନିଜକୁ ସମୀକ୍ଷା କରି ଆଗକୁ ବଢ଼ିବା ଆଉ ଗଢ଼ି ଦେବା ସୁନ୍ଦର ଗୃହସ୍ଥାଶ୍ରମ।

ଗଣ୍ଡରପୁର, କଟକ, ମୋ : ୮୭୬୩୯୬୬୧୦୩

# ଭକ୍ତି ପସରା

ଗୀତାଞ୍ଜଳୀ ନାୟକ

ଆମେ ମା'ପୁଅ ଗାଡ଼ି ଧରି ବାହାରିଲୁ କପିଳାସ ଅଭିମୁଖେ। ଯେତେ ବାଟ ପାଖେଇ ଆସୁଥାଏ, ସେତେ ମତେ କଷ୍ଟ ଲାଗୁଥାଏ। ଆଖିର ଲୁହକୁ ଚାପିରଖିଥାଏ। ହେଲେ ସବୁ ଲୁହତକ ହୃଦୟ ଦେଇ ଝରିଯାଉ ଥାଏ। ପୁଅ ଆଶ୍ଚର୍ଯ୍ୟ ହେଇ ବାରମ୍ବାର ପଚାରୁଥାଏ, ଆମେ କୁଆଡେ ଯିବା ? ପୁଅକୁ ସିନା ଉତ୍ତର ଦେଇ ପାରିଲିନି, ହେଲେ ୨୫ବର୍ଷର ସେହି ଘଟଣା ଆଖି ଆଗରେ ନାଚି ଯାଉଥାଏ। ୨୫ ବର୍ଷ ତଳେ, ପିଲା ପିଲି ହେଉନଥିଲେ ବୋଲି ଆମେ ସ୍ୱାମୀ, ସ୍ତ୍ରୀ ବାହାରିଲୁ କପିଳାସ। ବାଟରେ ଜଙ୍ଗଲିଆ ରାସ୍ତା ସୂର୍ଯ୍ୟ ପଶ୍ଚିମ ଆକାଶରେ ବୁଡିବା ଉପରେ । ହଠାତ୍ କୁଆଡୁ କଳାହାଣ୍ଡିଆ ମେଘଟା ଆକା ବୁକୁରେ ଢ଼ାଙ୍କି ହେଇଗଲା। ଚାହୁଁ ଚାହୁଁ ବିଜୁଳି ଘଡଘଡିରେ ଜଙ୍ଗଲ ଟା ଭୟଙ୍କର ଲାଗୁଥାଏ। କାନ୍ଧରେ ବାହୁଙ୍ଗି ପାଣି ଭାର ଧରି ସେହି ଚନ୍ଦ୍ରସେଖରଙ୍କୁ ସ୍ମରଣ କରି କାଉଡି ଗୀତ ଗାଇ ଚାଲିଥାଉ। ଆମମାନଙ୍କ କାଉଡ଼ି ଗୀତ ଶୁଣି ଲୋକଟି ଧାଇଁ, ଧାଇଁ ଆସିଲା । ଆମ ପାଖରେ ପହଞ୍ଚି କହିଲା, ଆଗରେ ହାତୀପଲ ଜଙ୍ଗଲରୁ ଉଠି ଆସିଛନ୍ତି, ଆଉ ମେଘ ବର୍ଷାରେ ଜଙ୍ଗଲ ଅତିକ୍ରମ କରିବା କଷ୍ଟ । ଆସ ଆମ ଘରେ ରହିଯିବ, ଭୋର ହେଲେ ଚାଲିଯିବ। ଆମେ ତା ପଛେ ପଛେ ଗଲୁ। କୁଡିଆ ଘରଟିଏ, ଘରେ ରୋଗିଣୀ ସ୍ତ୍ରୀ ଲୋକଟି କଷ୍ଟ ପାଉଥାଏ, ପାଖରେ ଯାଆଁଳା ପୁଅ ୨ଟି ଭୋକ ବିକଳରେ କାନ୍ଦୁଥାନ୍ତି। ଛୁଆ ଦୁଇଟିଙ୍କୁ ମାସେ କି ଦୁଇମାସ ହେବ ।

ଆମେ ପଚାରିଲୁ କ'ଣ ହେଇଛି, ତୁମ ସ୍ତ୍ରୀ ର ? ଲୋକଟି ଉତ୍ତର ଦେଲା, ଦୁଇଟି ଛୁଆଙ୍କୁ ଜନ୍ମ ଦେବାପରେ ଜର ଲାଗି ରହିଲା, ଗାଁ ବଇଦଙ୍କ ଠାରୁ ଔଷଧ ଖାଇଲା, ହେଲେ କମିଲାନି। ଡାହାଣୀ ଲାଗିଛି ଭାବି ଗୁଣିଆ ପାଖକୁ ନେଲୁ, ଗୁଣିଆ ବେକରେ ଲୁହା ଚେଙ୍କ ଦେଇ ଝାଡିଲା, କହିଲା ଡାହାଣୀକୁ ଚେଙ୍କ ଦେଲେ ଯିବ ଭାରି। ସେହି ଦିନୁ ସେ ପାରାଲିସିସ୍ ରୋଗରେ ଆକ୍ରାନ୍ତ । ପିଲା ଦିଇଟାକୁ ଧରି ମୁଁ କାମକୁ ଯାଇ ପାରୁନି, ଭୋକର ଯନ୍ତ୍ରଣା କେତେ ସହିବୁ। ସବୁଶୁଣି ଭାବିଲି ମୋ ଦୁଃଖ ଠାକୁର ଶୁଣିଛନ୍ତି। ମୋର ଭକ୍ତିର ପସରା ଠାକୁର ଗ୍ରହଣ କରିଛନ୍ତି। ଭଗବାନଙ୍କୁ ଲକ୍ଷେ ଜୁହାର କରି, ଲୋକଟିକୁ ପୁଅଟି ମାଗିଲୁ। ଲୋକଟି ଗୋଟିଏ ପୁଅ ହେଲେ ଭଲରେ ରହୁ, କହି ମୋ କୋଳକୁ ଟେକି ଦେଲା। ସେହିଦିନ ମୁଁ ଶପଥ କରି ଆସିଥିଲି, ପୁଅଟିକୁ ଡାକ୍ତର କରି, ଏମାନଙ୍କ ଅନ୍ଧ ବିଶ୍ୱାସ ଯଦି ଦୂର କରି ପାରିବି ଏବଂ ପୁଅଟିକୁ ଏହି ଗରୀବମାନଙ୍କ ସେବାରେ ସମର୍ପଣ କରିପାରିବି, ତେବେ ଠାକୁରଙ୍କୁ ଲକ୍ଷେ ଚମ୍ପା କି ଲକ୍ଷେ ବେଲପତ୍ର ଦେବା ଫଳ ପାଇଯିବି। ସେହି ପୁଅକୁ ଡାକ୍ତର କରି ୨୫ବର୍ଷର କରି ଆଣିଛି। ଘରଟି ଅତିନିକଟ ହେଇଗଲା। ଆମେ ଦୁଇଜଣ ଗାଡିରୁ ଓହ୍ଲାଇଲୁ। ସେଇ ଘର, ଘରର କିଛି ବି ପରିବର୍ତ୍ତନ ହେଇନି, ଘରକୁ ପସିଗଲୁ, ଦେଖିଲି ୨୫ବର୍ଷ ତଳର ସେହି ସ୍ତ୍ରୀ ଲୋକ ସେମିତି ପଡିଛି। ପାଖରେ ବୋଧେ ସେହି ପୁଅଟି, ଉଦାସ ମନରେ ପଥର ପରି ବସିଛି। ଲୋକଟି ଗଲା କୁଆଡେ, ଟିକିଏ ଅପେକ୍ଷା କଲୁ। ଲୋକଟି ପାଳ ଆଣି ଗାଈ ଆଗରେ ପକେଇଲା। ସେହି ମଇଳା କୋତରା ଲୁଗାରେ ଢ଼ଙ୍କା ଥିବା ଲୋକଟି। ଲୋକଟି ମନରେ ଅସୁମାରି ପ୍ରଶ୍ନ ହେଲେ ପଚାରି ନପାରି ଜୁହାର ବୋଲି କହିଲା। ମୁଁ ପଚାରିଲି ଏଇ ପୁଅଟିର କ'ଣ ହେଇଛି ? ଲୋକଟି ଉତ୍ତର ଦେଲା ଏହି ପୁଅଟି ତୁମକୁ ଯେଉଁ ଯାଆଁଳା ପୁଅରୁ ଗୋଟିଏ ଦେଲି ଇଏ ଆଉ ଗୋଟେ ପୁଅ। ତାକୁ ବହୁ କଷ୍ଟରେ ପାଳି ପାଠ ପଢ଼ାଇଲି ହେଲେ ଚାକିରୀ ଖୋଜି ଖୋଜି ବୁଲୁଥିବା ବେଳେ କେତେକ ଲୋକଙ୍କ ଖରାପ ପରାମର୍ଶରେ ମା'ଟିକୁ ଭଲ କରିବାକୁ ମନକରି ସେମାନଙ୍କ ଠାରୁ ଟଙ୍କା ଆଣି ମୋତେ ନ ପଚାରି ନିଜ କିଡିନ୍ ବିକ୍ରି କରିଛି। ଟଙ୍କା ତକ ମା' ରୋଗରେ ଭଲ ହେବ କ'ଣ ? ତା ପଛରେ ଟଙ୍କା ତକ ସରିଲାଣି। ହେଲେ ପୁଅଟିର ଦେହ ଭଲ ହେଉନି। ମୁଁ ମନେ ମନେ ଭାବିଲି ପ୍ରଭୁ ଏ କି ଦୁଃଖ। ଏ ଲୋକଟି ଦୁଃଖର ପସରା ବୋହି ବୋହି ଏତେ ବର୍ଷ ଚାଲିଛି। ମୋ ପୁଅକୁ ଦେଖେଇ କହିଲି, ଏ ପୁଅଟି କିଏ କହିଲ ? ଲୋକଟି ପଚାରିଲା, ଏ ବାବୁ ଜଣକ କିଏ ? ମୁଁ କହିଲି ଏ ତୁମ ପୁଅ, ଡାକ୍ତର ହେଇଛି। ତାକୁ ମୁଁ ଏଇଠି ଛାଡ଼ିଯିବି, ତୁମ ଆଦିବାସୀ ସରଳ ବିଶ୍ୱାସୀଙ୍କର ସେବା କରିବ, ପୁଅଟି ଆଶ୍ଚର୍ଯ୍ୟ ହେଇ ମା'କୁ ଅନେଇଛି। ମା' ସବୁ କଥା ବୁଝାଇ ଦେଲେ ଓ ନିଜ ମା'ବାପା, ଭାଇ ସବୁ ଚିହ୍ନେଇ ଦେଲେ। ପୁଅଟି ବି ମା'ର ତ୍ୟାଗ, ତପସ୍ୟା ଓ ମହତ କାମ କରିବାର ଇଚ୍ଛାରେ ପ୍ରତିବାଦ କଲାନାହିଁ। ମା' ଟି ପୁଅକୁ ଛାଡ଼ି ଆତ୍ମ ସନ୍ତୋଷ ରେ ଘରକୁ ଫେରିଲା।

ଏହା ହିଁ ଥିଲା ତାର ଶିବ ଉପାସନା, ଏହା ହିଁ ପ୍ରକୃତ ଭକ୍ତିର ପସରା ଠାକୁରଙ୍କୁ ଅର୍ପଣ କଲା। ଆମେ ଗୁଣି ଗାରେଡି ଅନ୍ଧବିଶ୍ୱାସକୁ ପ୍ରସୟ ଦେବା ଅନୁଚିତ୍। ଟଙ୍କାର ଲୋଭରେ ଆମେ ଗୋଟିଏ ଅସୁବିଧା ଅତିକ୍ରମ କରିବାକୁ ଯାଇ, ଅନେକ ଅସୁବିଧାକୁ ନିମନ୍ତ୍ରଣ କରିବା ଅନୁଚିତ୍। ସୃଷ୍ଟି କର୍ତ୍ତାଙ୍କର ଏପରି କାମ କରନ୍ତୁ, ତାହା ତାଙ୍କ ପ୍ରତି ଭକ୍ତିର ପସରାଟିଏ ସମର୍ପଣ ପରି ତାଙ୍କୁ ଲାଗୁ।

*ବାଲିସାହି, କଟକ*

# ସ୍ନେହ ପାଇଁ ଚିଠିଟିଏ

ଡଃ ନିରୋଦ କୁମାର ମନ୍ତ୍ରୀ

ସ୍ନେହର ଟୁଟୁ,

ମୋର ସ୍ନେହ ନେବ ! ବୋହୂ, ନାତି, ନାତୁଣୀମାନଙ୍କୁ ମୋର ସ୍ନେହ ଜଣାଇବ। ଈଶ୍ୱରଙ୍କ ଦୟାରୁ ତୁମ୍ଭେମାନେ ସେଠାରେ ଭଲରେ ଥିବ। ତୁମେ ପାଠପଢୁଥିବା ସମୟରେ ଯେଉଁ ଚିଠି ଦେଉଥିଲି, ଆଜିର ଏ ଚିଠି ମଧ୍ୟରେ ପ୍ରାୟତଃ କୋଡିଏ ବର୍ଷର ବ୍ୟବଧାନ। ଏବେ ମୋର ଆଉ ତୁମକୁ ଉପଦେଶ ଦେବାରେ ନାହିଁ। କାରଣ ତୁମେ ଏବେ ନିଜକୁ ନିଜେ ସଜାଡ଼ିପାରିଛ। ଏବେମୋର ତୁମକୁ ନେହୁରା -

ଟୁଟୁରେ ବଞ୍ଚିବା ପାଇଁ ବହୁତ କଷ୍ଟ ହେଉଛି। ଆଉ ପାରୁନି, ଆଉ ମାସରେ ଦେଉଥିବା ଚିଠିର ଅର୍ଥବୋଧ ହୁଏ ବୁଝିପାରିଲନି। ତେଣୁ ଭାବିନେଲ ବାପା'ଙ୍କର ବୋଧ ହୁଏ ଅଧିକ ଟଙ୍କା ଦରକାର ପଡୁଛି। ତେଣୁ ତୁମେ ଦେଉଥିବା ଟଙ୍କାର ପରିମାଣ ଦୁଇଗୁଣ କରି ପଠାଇଲ ଟଙ୍କାରେ କ'ଣ ଶାନ୍ତି ମିଳିପାରିବ। ଆମେ ଗାଁରେ ବୁଢ଼ାବୁଢ଼ୀ ଦୁଇଜଣ ସ୍ନେହ କାଙ୍ଗାଳ ହୋଇପଡିଛୁ। ଆମ ଆଖି ଆଗରେ ଅନ୍ୟମାନଙ୍କର ନାତି, ନାତୁଣୀମାନେ ତାଙ୍କର ଜେଜେବାପା ଓ ମା'ଙ୍କୁ କେତେ ଶ୍ରଦ୍ଧାରେ ଗେଲ କରୁଛନ୍ତି, ଥଟ୍ଟାମଜା ହେଉଛନ୍ତି। ଖନେଇ ଖନେଇ ସ୍ୱରରେ ଜେଜେ ବାପା, ମା'ଡାକ ଶୁଣି ଆମ ହୃଦୟ ଦୁଃଖରେ ଭାଙ୍ଗି ପଡୁଛି। ବିଭିନ୍ନ ପ୍ରକାର ପର୍ବ ପର୍ବାଣୀରେ ପିଲାମାନଙ୍କର ଖେଳକୁଦ ଦେଖିଲେ ଆମ ଆଖିରେ ଲୁହ ଚାଲିଆସୁଛି। ତୁମେ ଛୋଟ ଥିବାବେଳେ ମୋ ବାପା ମା' ସହ କେତେ ଖେଳୁଥିଲ, ମଜା କରୁଥିଲ। ମୋ ବାପା ବେଳେ ବେଳେ ଖାଇବା ପିଇବା ଭୁଲିଯାଉଥିଲେ। ତମକୁ ସକାଳୁ ନଦେଖିଲେ ପାଗଳ ହୋଇ ଯାଉଥିଲେ। ତୁମେ ଦୁଷ୍ଟାମି କରୁଥିଲେ ମୁଁ ଯଦି ଗାଳିଦେଉଥିଲି ତେବେ ମୋତେ ବାପା ବିରକ୍ତି ହେଉଥିଲେ, ପର୍ବପର୍ବାଣୀରେ ପିଠାପଣା ଏକାଠି ଖାଇବା ବେଳେ ତମକୁ ଜେଜେ ବାପା କେତେ ଗେଲ କରୁଥିଲେ, ଅଧିକରୁ ଅଧିକ ଖାଇବାକୁ ଦେଉଥିଲେ। ଯାତରାରୁ ବେଲୁନ୍, ପେଁକାଳୀ, କଣ୍ଢେଇ ଚକ ତୁମପାଇଁ କିଣିଆଣୁଥିଲେ। ତୁମେ ଏ ଖେଳଣାନେଇ କେତେ ଖୁସି ହେଉନଥିଲ ! ଆମ ଘରଟା ହସ ଖୁସିରେ ଫାଟି ପଡୁଥିଲା। ଏବେ ଯାତରା ପଡିଆରେ ବେଲୁନ୍, ପେଁକାଳି ଦେଖିଲେ ମୋ ଆଖିରେ ଲୁହ ଆସିଯାଉଛି, କାରଣ ମୁଁ କାହାପାଇଁ କିଣିନେବି ? କାହାକୁ ପିଠିରେ ବସାଇ ହାତୀହୋଇ ବୁଲାଇବି ଯେମିତି ତମକୁ ମୋ ବାପା ବୁଲାଉଥିଲେ। ଘରଟା ଖାଁ ଖାଁ ଲାଗୁଛି ତୁମ ମା' ଅଧିକ ସମୟ ଆଖିରୁ ଲୁହ ଗଡାଉଛି। ମୁଁ ବ୍ୟସ୍ତ ହୋଇ ତାକୁ ଗାଳିଦେଉଛି। କାହିଁକି ଜାଣୁ, କାଳେ ତୁମର କିଛି ଅମଙ୍ଗଳ ହେବ। ତାକୁ ଗାଳିଦେଉ ଦେଉ ମୁଁ ବି କାନ୍ଦି ପକାଏ। ତୁମେ ଠିକ୍ ସମୟରେ ଟଙ୍କା ପଠାଇ ଦେଉଛ। କିନ୍ତୁ ଟଙ୍କା କେବଳ ଖାଇବାକୁ ଦେଇ ବଞ୍ଚାଇଛି, ହେଲେ ସେ ବଞ୍ଚିବା ଅପେକ୍ଷା ମରିଯିବା ଭଲ ବୋଲି ଆମେ ଭାବୁଛୁ।ତୁମେ ପାଠପଢ଼ି ଚାକିରୀ କଲ, ବାବୁ ହେଲ, ତୁମ ଅଫିସ୍‌ରେ ତୁମକୁ ସମ୍ମାନ ମିଳିଲା। ଆମେ ବାପା, ମା ବି ତୁମେ ଯେଉଁଦିନ ଚାକିରିପାଇଲ ସବୁ ମନ୍ଦିରକୁ ଯାଇ ଭୋଗ ଲାଗି କଲୁ। ଗାଁରେ ମିଠା ବାଣ୍ଟିଲୁ। ତୋର ବିବାହ ସ୍ଥିର ହେବାରୁ ଆହୁରି ଖୁସି ହେଲୁ। ବାପା, ମା'ଆଉ କ'ଣ ଚାହାନ୍ତି ? ପିଲାର ଖୁସି ରେ ତ ଆମେ ଖୁସି। କିନ୍ତ ଯେଉଁ ଦିନ ତୁମେ ପିଲାପିଲିଙ୍କୁ ନେଇ ସହରକୁ ଚାଲିଗଲ, ଅଜଘର ଭଡ଼ାନେଇ ଥିବାରୁ ଆମେ ରହିଗଲୁ, ସେଦିନ ପୂର୍ବର ସବୁ ସୁଖ ଭାଙ୍ଗି ପଡ଼ିଲା ପରି ଲାଗିଲା। ତଥାପି ତୁମ ଭଲ ପାଇଁ ଖୁସିରେ ଖୁସିରେ ବିଦାୟଦେଲୁ। ଆଶାରଖିଥିଲୁ ଏଇ ବୁଢ଼ା ବୟସଟା ନାତି, ନାତୁଣୀ ସ୍ନେହରେ କଟାଇ ଦେଇଥାନ୍ତୁ, ଛାଡ .....। ପୁଅ ଜାଣିବ ତୁମ ମା' ଗୋଟେ ଘରେ ଖେଳଣା ପୁଲ୍ କରିସାରିଲାଣି, କାହିଁକି ଜାଣୁ, ଅନ୍ୟମାନେ ଯେତେବେଳେ ଖେଳଣା ଆଣନ୍ତି, ସେତେବେଳେ ତମ ମା' ତା' ନାତି ନାତୁଣୀଙ୍କ ପାଇଁ କିଣିଆଣେ। ସମସ୍ତେ ପଚାରନ୍ତି କାହିଁକି ଖେଳଣା କିଣୁଛୁ ? ତୁମ ନାତି, ନାତୁଣୀତ ସହରରେ ସେ କହେ - ମୋ ନାତି ନାତୁଣୀ ଆର ହପ୍ତାରେ ଆସିବେ, ତାଙ୍କୁ ଦେବି। ଏମିତି ଅନେକ ହପ୍ତା ଚାଲିଗଲାଣି......ମୁଁ ରାଗିଛି ବୋଲି ଭାବିବୁନି। ମୋର ତମକୁ ଏତିକି ନେହୁରା, ଆମର ଆଉ ଟଙ୍କା ଦରକାର ନାହିଁ, ଟଙ୍କା କ'ଣ କରିବୁ ? ତୁମେ କି ବୋହୂ ଯଦି ଦୟାକରି ତୁମର ଏବଂ ତୁମ ପିଲାମାନଙ୍କର ସ୍ନେହ ଟିକକ ପଠାନ୍ତ, ଆମେ ଅବଶିଷ୍ଟ ଦିନ ଖୁସିରେ ବଞ୍ଚି ଯାଆନ୍ତୁ। ସ୍ନେହ, ଶ୍ରଦ୍ଧା ବିନା ବାଞ୍ଚିବା ଭାରିକଷ୍ଟ ହେଉଛିରେ। ଘର ଭିତରେ ଆମେ ଦୁହେଁ ଏକୁଟିଆ ହୋଇ କେବଳ ତୁମ ଫଟୋ ଗୁଡିକୁଦେଖି ଆଖିରୁ ଲୁହ ଗଡାଉଛୁ । ମୋ ନାତି, ନାତୁଣୀକୁ ତ ଦେଖିନୁ, ଖାଲି ବୟସ ଅନୁସାରେ ୧୦ବର୍ଷ ହେବଣି, ଆମ ସାହିର ହରିର ୧୦ବର୍ଷର ପୁଅର ଏବଂ ଝିଅର ଫଟୋଆଣି ସ୍ନେହ ଦେଉଛୁ।

ଆଉ ବିଶେଷ କିଛି ଲେଖୁନାହିଁ। ଈଶ୍ୱର ତୁମମାନଙ୍କ ଚଲା ପଥକୁ କୁସୁମିତ କରାନ୍ତୁ। କେବଳ ଟିକିଏ ସ୍ନେହ ଅପେକ୍ଷାରେ....

ରହିଲି, ତୋର ସ୍ନେହ କାଙ୍ଗାଳ ବାପା, ମା'

*ଉପାଧ୍ୟକ୍ଷ, ତ୍ରିକୋଣାନ୍ଦ, ଭାଣପୁର, କଟକ*

*ମୋ : ୯୪୩୯୨୫୩୦୬୫*

# ବନ୍ଧୁତ୍ୱର ପ୍ରତିଦାନ

ବିଶ୍ୱଜିତ୍ ଖମାରୀ

ଏବେ ବନ୍ଧୁତାର ମୂଲ୍ୟ କିଏ ବା ବୁଝୁଛି। ବନ୍ଧୁ ସେ ସୁଖ ଦୁଃଖର ସାଥି, ନିରାସାର ଆଶା ଆଉ ଅନ୍ୟର ଭରସା। ବନ୍ଧୁ ଯେ ଆଣିଦିଏ ଖୁସିର ପସରା। ଖେଳାଇ ଦିଏ ଦୁଃ ଖର ଲହରୀ।

ରାମବାବୁ ଫ୍ୟାକ୍ଟରୀରୁ ଫେରି ବିଶ୍ରାମ ନେଉଛନ୍ତି ହଠାତ୍ ମନେ ପଡିଗଲା ବନ୍ଧୁ ହରିଶର କଥା। ପିଲାଦିନ ସେ ସ୍କୁଲ ପାଠପଢ଼ା। ହରିପୁର ଗ୍ରାମରେ । ସେ ଦୁହେଁ ଥିଲେ କୃତୀ ଛାତ୍ର। ସମସ୍ତଙ୍କ ମୁହଁରେ ସେ ଦୁହିଁଙ୍କ ପ୍ରଶଂସା। ପରୀକ୍ଷାର ଫଳ ବାହାରିବା ପରେ ସେମାନଙ୍କ ମନ ହୋଇପଡେ ଖୁସିରେ ଉତ୍‌ଫୁଲ୍ଲିତ। କାରଣ ସେମାନେ ଦିଜଣ ପ୍ରାଥମ ଓ ଦ୍ୱିତୀୟ। ଥରୁଥୁରୁ ଶୀତଦିନେ ପଡିଲା ମାଟ୍ରିକ୍ ପରୀକ୍ଷା, ସେମାନେ ପରିଶ୍ରମ କରି ପାଠପଢ଼ି ପୀକ୍ଷା ଦେଲେ ଏବଂ ପରୀକ୍ଷା ମଧ୍ୟ ଶେଷ ହେଲା। ସେମାନଙ୍କ ମଧ୍ୟରେ ବନ୍ଧୁତା ବଢ଼ିବାକୁ ଲାଗିଲା। ଏତେ ବଢ଼ିଗଲା ଯେ, ସେମାନେ ଦୁହେଁ ଦୁହିଁଙ୍କୁ ଛାଡ଼ି ରହିପାରୁ ନଥିଲେ। ପରୀକ୍ଷା ଫଳ ପ୍ରକାଶ ପାଇଲା। ଦୁହେଁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ। କଲେଜ୍‌ର ନୂଆ ଦୁନିଆ ଟାଣିନେଲା ସେ ଦୁହିଁଙ୍କୁ। ପାଠପଢ଼ା ସୁରୁଖୁରୁରେ ଚାଲିଲା। କିନ୍ତୁ ରାମର ପାଠପଢ଼ା ଧିମାଇବାରେ ଲାଗିଲା। କିନ୍ତୁ ହରିଶର ପାଠପଢ଼ା ଠିକ୍‌ଠାକ୍ ଚାଲିଲା। ରାମ ମନରେ ହରିଶ ପ୍ରତି ଈର୍ଷା ଭାବ ଜାଗିଉଠିଲା। ଯଦିଓ ସେ ଦୁହେଁ ଏକାଠି ଏବଂ ଗୋଟେ ରୁମ୍‌ରେ ରହୁଥିଲେ। ହରିଶ୍ କିନ୍ତୁ ରାମକୁ ସେତେ ଭଲ ପାଉନଥିଲା, ଆଗରୁ ଯେତେ ପାଉଥିଲା, କିନ୍ତୁ ଅନ୍ଧକରି ଦେଇଥିଲା, ରାମକୁ ତାର ଈର୍ଷା ଧିରେ ଧିରେ ପାଠ ପଢ଼ାରେ ଅଧଃ ପତନ ହେଲା। ହରିଶ୍ ରାମକୁ ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ରାମ ବୁଝିବାକୁ ନାରାଜ। ଦିନ ପରେ ଦିନ ଗଡି ଚାଲିଲା। ପରୀକ୍ଷା ହେଲା ଏବଂ ଭଲରେ ସରି ମଧ୍ୟ ଗଲା। କିଛିଦିନ ଗଲାପରେ ଯେତେବେଳେ ପରୀକ୍ଷାଫଳ ପ୍ରକାଶ ପାଇଲା ହରିଶ୍ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲାବେଳେ ରାମ ଫେଲ୍ ହେଲା। ଦିନତ କାହାକୁ ଅପେକ୍ଷା କରେ ନାହିଁ ଗଡି ଚାଲିଲା। ହରିଶ୍ ଅମେରିକାରେ ଏକ ସୁନାମଧନ୍ୟ ଫ୍ୟାକ୍ଟ୍ରିରେ କାମ ପାଇଲା। ଏପଟେ ରାମ ଛୋଟକାଟ ବ୍ୟବସାୟ ଆରମ୍ଭ କଲା। ତଥାପି ଈର୍ଷିତ ହେଉଥିଲା। ବନ୍ଧୁ ହରିଶକୁ ବ୍ୟବସାୟରେ ବହୁତ କ୍ଷତି ସହିବାକୁ ପଡିଲା। ଶେଷରେ ଭାବିଲା, ଯେ ସେ ଆତ୍ମହତ୍ୟା କରିବା ଛଡ଼ା କିଛି ବାଟ ନାହିଁ। ସେ ଦିନ ହଠାତ୍ ଚିଠି ଆସି ପହଞ୍ଚିଲା। ତା' ପାଖରେ ସେ ହରିଶର ଠିକଣା ଦେଖି ରାଗ ତମ ତମ ହୋଇ ପଡିଲା - ଲେଖାଥିଲା ପ୍ରିୟ ବନ୍ଧୁ ରାମ, ମୁଁ ଶୁଣିଲି ତୋର ବ୍ୟବସାୟରେ ବହୁତ କ୍ଷତି ହେଲା, ଦୁଃଖ କରନି ମୋ ପାଖକୁ ଚାଲି ଆ ମୋ ଫ୍ୟାକ୍ଟ୍ରିର ମ୍ୟାନେଜର ହବୁ ତୁ। ହଁ, ଆସିବା ଲାଗି ଲକ୍ଷେ ଟଙ୍କା ପଠାଇ ଦେଇଛି। ଚିଠି ଶେଷ ହେବା ସଙ୍ଗେ ସଙ୍ଗେ ତା'ର ସବୁ ଅହଙ୍କାର, ଈର୍ଷା ଯେମିତି ଶେଷ ହୋଇଗଲା। ଭୋ, ଭୋ ହୋଇ କାନ୍ଦିଲା।



ଭାବନା ରାଜ୍ୟରୁ ରାମ ବାବୁ ଫେରୁ ଫେରୁ ସତରେ ଆଖିରୁ ଝରିପଡିଲା ଦୁଇଟୋପା ଲୁହ।

ସୋନପୁର

# ଏଇତ ଆରମ୍ଭ

ପାୟଲ ଜେନା

ବର୍ତ୍ତମାନ ଆଧୁନିକ ଯୁଗରେ "ପ୍ରେମ" ଶବ୍ଦ ଏକ ସାଧାରଣ ଶବ୍ଦ । ଯାହାର ସଂଜ୍ଞା ଯେ କେହି ବି ଦେଇପାରିବ । କିନ୍ତୁ ପ୍ରକୃତରେ ପ୍ରେମର ଅର୍ଥ ଆମେ ବୁଝିଥିଲେ ପ୍ରତିଦିନ ଖବର କାଗଜର ପୃଷ୍ଠା ଲେଉଟାଇଲେ ପ୍ରେମରେ ପ୍ରତାରଣା, ପ୍ରେମରୁ ହତ୍ୟା, ପ୍ରେମ ପାଇଁ ବଳାତ୍କାର ଆଦି ଖବର ବାହାରନ୍ତାନି କି ଆଜିର ଯୁଗରେ ସୋସିଆଲ ମିଡିଆରେ ପ୍ରେମରେ ଶିକାର ହୋଇ ଆତ୍ମହତ୍ୟା ଖବର ବି ପ୍ରଚାର ହୋଇନଥାନ୍ତା । ପ୍ରକୃତରେ ପ୍ରେମ ହେଉଛି ଏକ କଠିନ ପଥ । ଯେଉଁ ପଥରେ କେତେବେଳେ ପୁଷ୍ପରେ ସଜ୍ଜିତ ତ କେତେବେଳେ କଣ୍ଟକିତ । କେତେବେଳେ ଦୁଃଖମୋହିନୀ ତ କେତେବେଳେ ଯନ୍ତ୍ରଣାଦାୟକ । କେତେବେଳେ ସପ୍ନର ତାଜମହଲ ତ କେତେବେଳେ ବାସ୍ତବର ବାଲିଘର । ସେ ଯାହାବି ହେଉ ଆଜିର ତାରିଖରେ ପ୍ରକୃତ ପ୍ରେମ କରିବା ଏକ କଷ୍ଟକର ବ୍ୟାପାର । କାରଣ ସେ ଭଲପାଇବା ଭଲ ପାଇବା ନୁହେଁ ଯେଉଁ ଭଲପାଇବାରେ ଦୁହେଁ ଭଲପାଇ ଘରସଂସାର କରି ଅଧା ରାସ୍ତାରେ ଅନୁଭବ କରନ୍ତି ଯେ, ସେମାନେ ଭଲପାଇ ଭୁଲ୍ କରିଛନ୍ତି । ଏବଂ ଦୁହିଁଙ୍କ ମଧ୍ୟରେ ପାରିବାରିକ କଳହ ଏବଂ କଳହର ଶେଷ ସୀମା ଛାଡ଼ପତ୍ରରେ ଶେଷ ହୋଇଯାଏ । ଏହା କେବେ ପ୍ରେମ ହୋଇପାରେନି । ଏହା ଏକ ମନର ଭୁଲ୍ ବୁଝାମଣା ସହ ସମାନ । ଆଜିର ପ୍ରେମ ଯୁବପୀଢ଼ିଙ୍କ ମଧ୍ୟରେ ପାର୍କର କୌଣସି ଏକ ବୁଦାମୂଳରେ ଅଥବା ସିନେମା ହଲ୍‌ରେ ସୀମିତ । ଯାହା ପ୍ରେମର ପ୍ରକୃତ ଅର୍ଥର ବୀପରୀତ । ପ୍ରେମ ହେଉଛି ଶାଶ୍ୱତ, ସୁନ୍ଦର ଯେଉଁଥିରେ ପାଇବାର ଆଶା ନରଖି ନିଜକୁ ପ୍ରେମିକର ଅଂଶ ଭାବିନେଇ ଦୁହିଁଙ୍କ ପାଇଁ ଦୁହେଁ ଗୋଟିଏ ପଥରେ ଅଗ୍ରସର ହେବା ଉଚିତ୍ । ଯାହା ବର୍ତ୍ତମାନ ଦୁନିଆରେ ଖୁବ୍ କମ୍ ମାତ୍ରାରେ ପରିଲକ୍ଷିତ । କିନ୍ତୁ ଏବେ ମଧ୍ୟ ପୃଥିବୀର କୌଣସି ଏକ କୋଣରେ ଲୁଚି ରହିଛି ସେହି ସାର୍ଥକ ପ୍ରେମ । ଯାହା ରାଧାକୃଷ୍ଣଙ୍କ ପ୍ରେମ ପରି ପବିତ୍ର, ଶାଶ୍ୱତ ନହୋଇପାରେ କିନ୍ତୁ ତାହା ଆଜି ତାରିଖରେ ପ୍ରେମରୁ ବହୁ ଉର୍ଦ୍ଧ୍ୱରେ ଯାହାର ସୁନ୍ଦର ଟିପ୍ପଣୀ ନିମ୍ନରେ ଦର୍ଶାଗଲା ।

ସମସ୍ତ ଝିଅପରି ସେ ବି ଦିନେ ଭାବୁଥିଲା ତା ମନରେ କେହିଜଣେ ଆସିବ । ଆଉ ତାକୁ ପାର୍କ ନବ, ରେଷ୍ଟୁରାଣ୍ଟ ନବ । ହଠାତ୍ ସେ ଝିଅ ପାଖରେ ସେ ଦିନ ଉପସ୍ଥିତ ହେଲା । ଝିଅଟି ତାର ଅଜାଣତରେ ତାର ଦୂର ସମ୍ପର୍କୀୟ ଏକ ପୁଅର ପ୍ରେମରେ ପଡିଗଲା । କିନ୍ତୁ ସେ ପୁଅଟି ମଧ୍ୟ ଅନ୍ୟ ଜଣକୁ ବହୁତ ଭଲ ପାଉଥିଲା । ଏ କଥା ଜାଣିବା ପରେ ଝିଅଟି ମନଦୁଃଖ ନିଷ୍ପତ୍ତି କରିଥିଲା । କିନ୍ତୁ



ତା ମନରୁ ପ୍ରେମ ଟିକିଏ ବି କମିନଥିଲା । ଏହି ତ୍ରିକୋଣୀୟ ପ୍ରେମ ବହୁଦିନ ଚାଲିଲା । ତା ଭିତରେ ଝିଅଟି ମନକୁ ପଥର କରି ସେ ପୁଅ ସହ ପ୍ରେମ ସମ୍ପର୍କ ରଖିବାରେ ବ୍ୟସ୍ତ ରହିଲା । ସେ ପ୍ରତିକ୍ଷା କରିଥିଲା ସେ ପୁଅକୁ । ସେ ନିଶ୍ଚିତ ଥିଲା ଯେଉଁ ପ୍ରେମରେ ସ୍ୱାର୍ଥ ନାହିଁ, ଆଶା ନାହିଁ ସେ ପ୍ରେମ ନିଶ୍ଚୟ ଦିନେ ନା ଦିନେ ତା ପାଖକୁ ଫେରିବ । ଏହିପରି ଦୁଇବର୍ଷ ପ୍ରତିକ୍ଷା କରିଥିଲା ସେ ମନରେ କେବଳ ସେ ପୁଅ କଥା ଭାବି ନିଜର ପ୍ରେମମୟ କଣ୍ଟକିତ ପଥରେ ଅଗ୍ରସର ହେଉଥିଲା । ସେ ପୁଅଟି ପାଇଁ ନିଜକୁ ଭୁଲିଯାଇଥିଲା । ଏପରି ଏକ ଦିନ ଆସିଲା ଯେଉଁଦିନ ସେ ପୁଅଟି ନିଜେ ଆସି ଝିଅର ପ୍ରେମର ଗୁରୁତ୍ୱକୁ ଅନୁଭବ କରିପାରି ତାର ପ୍ରେମକୁ ସ୍ୱୀକାର କଲା । ଏହି ସମୟଟା ଝିଅପାଇଁ ଥିଲା ଚିରସ୍ମରଣୀୟ । ସାରା ଦୁନିଆଟା ତାକୁ ରଙ୍ଗୀନ୍ ଲାଗୁଥିଲା । ସେ ପୁଅଟି ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ପୁଅଟି ଆଜିର ଏ ଆଧୁନିକ ସମାଜ ସହ ଅତି ନିବିଡ଼ ଭାବେ ଜଡିତ ଥିଲା । ସେ ଜାଣିଥିଲା ଏ ପ୍ରେମର ଶେଷ ବିବାହ ହୋଇପାରିବନି । ସେ ପୁଅ କେବେ ବି ଦୁହିଁଙ୍କ ପରିବାର ଲୋକଙ୍କ ମନରେ ଅଶାନ୍ତି ଦେଇ ନିଜେ ଖୁସିରେ ଘର ସଂସାର କରିବାକୁ ଚାହୁଁନଥିଲା । ପୁଅଟି ମଧ୍ୟ ଝିଅଟିକୁ ଭଲ ପାଉଥିଲା କିନ୍ତୁ ସେ ଭଲପାଇବାରେ ପ୍ରକୃତ ମୂଲ୍ୟ ବୁଝିଥିଲା । ଏ ଦୁହିଁଙ୍କ ପ୍ରେମରେ ଝଗଡ଼ା ହୁଏ, ଏତଦ୍ ଦ୍ୱାରା ପ୍ରେମ ବଢ଼େ, ବ୍ରେକ୍‌ଅପ୍ ଶବ୍ଦ ଆସେନି । ଏ ପ୍ରେମରେ ଏକାକୀ ଦେଖାହୁଏ କେବଳ ଦୁହେଁ ଦୁହିଁକୁ ଦେଖି ସାମାନ୍ୟ ତୃପ୍ତି ପାଆନ୍ତି । କିନ୍ତୁ ଅନ୍ୟ ମନ୍ଦ ଉଦ୍ଦେଶ୍ୟ ନଥାଏ । ସେ ପୁଅ ଦୁନିଆର ପ୍ରଥା, ସମାଜର ଚାଲିଚଳଣିକୁ ବୁଝି ସେ ଝିଅଠୁ ଦୂରେଇ ଯିବାକୁ ଚାହୁଁଥିଲା । କାରଣ ସେ ଜାଣିଥିଲା ଯେତେ ଅଧିକା ପ୍ରେମ ବଢ଼ିବ ବିଛିନ୍ନ ସମୟରେ କଷ୍ଟ ମଧ୍ୟ ସେତେ ଅଧିକା ହେବ । କିନ୍ତୁ ସେ ଝିଅର ନିର୍ଲୋଭ ପ୍ରେମ ପୁଅକୁ ଦୂରେଇବାକୁ ଦେଉନଥିଲା । କାରଣ ଯେଉଁ ପ୍ରେମ ହୃଦୟରେ ବସିଯାଇଥାଏ, ସେ ପ୍ରେମକୁ ହଠାତ୍ କାଢ଼ିଦେବା ସମସ୍ତଙ୍କ ପକ୍ଷରେ ଏତେ ସହଜ ହୋଇପାରେନା ଏବଂ ଯାହା ପାଖରେ ଏହା ସମ୍ଭବ ହୁଏ ତ ତା ପ୍ରେମ ମନକୁ ଜାଣିପାରିଥିଲା, କିନ୍ତୁ ହୃଦୟକୁ ନୁହେଁ । ସେ ଝିଅଟି, ପୁଅର ଭଲପାଇବା ଥିବା ଜାଣିପାରି ତା ପାଇଁ ଘରଛାଡିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ସେ ପୁଅଟି ଏଥିରେ ଏକମତ ନଥିଲା ଏବଂ ଝିଅଟିକୁ ବୁଝାଇଥିଲା । ଦୁହେଁ କୋର୍ଟମ୍ୟାରେଜ୍ କରି ଅଥବା ଘରୁ ଲୁଚି ବାହା ହୋଇ ଖୁସିରେ ଘରସଂସାର କରିପାରିବେ କିନ୍ତୁ କେବେ ଆତ୍ମତୃପ୍ତି ପାଇପାରିବେନି । କାରଣ ଦୁହିଁଙ୍କ ପରିବାର ହେଉଛନ୍ତି ପ୍ରେମ ବିରୋଧି ମନୋଭାବ ଥିବା ପରିବାର । ତେଣୁ ସେ ଏହି ପ୍ରେମକୁ ସ୍ୱୀକୃତି ପ୍ରଦାନ କେବେ ବି କରିବେନି । ଆଉ ପୁଅଟି ଝିଅଟିକୁ କହିଥିଲା ପରିବାର ମନରେ ଅଶାନ୍ତି ଦେଇ କେବେବି ଶାନ୍ତିରେ ଜୀବନଯାପନ କରିପାରିବେନି । ଝିଅଟି ସତ୍ୟକୁ ସାମ୍ନା କରିବାକୁ ପ୍ରସ୍ତୁତ ନଥିଲା । କିନ୍ତୁ ସେ ଅନୁଭବ କଲା ଯେ, ପ୍ରଥମରୁ ହିଁ ଈଶ୍ୱରଙ୍କୁ ତାର ଭଲପାଇବା ପାଇଁ ହାତଯୋଡ଼ି ଆସିଛି । ବାହାଘର ନିମନ୍ତେ ନୁହେଁ । ସେ ସର୍ବଦା ମନରେ ଠାକୁରଙ୍କୁ ଏତିକି ଡାକିଛି ଯେ ପୁଅର ଭଲପାଇବା ଟିକକ ତାକୁ ମିଳୁ, ସେ ପୁଅର ସାରାଜୀବନ ନୁହେଁ । କାରଣ ସେଇ କିଛିବର୍ଷର ଭଲପାଇବାର ସ୍ମୃତି ତା ପାଇଁ ଯଥେଷ୍ଟ ଜୀବନଯାପନ ନିମନ୍ତେ । ସେ ମଧ୍ୟ ଜାଣିଛି ନିଜ ପରିବାର ଠୁ ଉର୍ଦ୍ଧ୍ୱରେ କୌଣସି ପ୍ରେମିକ ହୋଇ ନପାରେ । ସେ ମଧ୍ୟ ବୁଝିଛି ଏକାସାଥିରେ ରହିବାରେ କେବଳ ପ୍ରେମ ବଢ଼ିନଥାଏ । କିଛି ପ୍ରେମ ବିଛିନ୍ନତାରେ ହିଁ ବଢ଼ିଥାଏ । ଏହା କଷ୍ଟ ଏବଂ ଯନ୍ତ୍ରଣାଦାୟକ ନିଶ୍ଚିତ । କିନ୍ତୁ ପ୍ରକୃତ ପ୍ରେମର ଯଥାର୍ଥ ସାର୍ଥକ ନିମନ୍ତେ ଉପଯୁକ୍ତ । ଏହିପରି ଭାବେ ସେମାନେ ନିଜର ଜୀବନ ପଥରେ ଅଗ୍ରସରଥିଲେ । ଦୁହେଁ ପରସ୍ପର ସହ ପ୍ରତିଦିନ କଥା ହେଉଥିଲେ । କିନ୍ତୁ କେବେବି ପୁଅଟି ଝିଅପ୍ରତି ଥିବା ଭଲପାଇବା ଗଭୀର ଭାବେ ପରିପ୍ରକାଶ କରିପାରେନି କାରଣ ସେ ପ୍ରଥମ ପ୍ରେମ ହରାଇଛି ଏବଂ ସେ କେବେବି ଚାହୁଁନଥିଲା ଏ ସୁନ୍ଦର ପ୍ରେମ ପାଇଁ ସେ ପୁନର୍ବାର ସେ କଷ୍ଟର ସାମ୍ନା କରୁ କି ସେ ଝିଅ ମଧ୍ୟ ଏ କଷ୍ଟର ସାମ୍ନା କରୁ । ତେଣୁ ସେ ନିଜର ପ୍ରେମକୁ ନିଜ ମନଭିତରେ ହିଁ ବନ୍ଦକରି ରଖିଥିଲା ଏବଂ ଏପରି ଏକ ସମୟ ଉପସ୍ଥିତ ହେଲା ଦୁହିଁଙ୍କ ବିଛିନ୍ନ ହେବାର ଘଟଣା ଚର୍ତୁଃଦିଗରେ ଜନ୍ମିତ ହେଲା । ଝିଅଟି ସେ ବିଛିନ୍ନତାର ଘଟଣାରେ ଅଧିର ହୋଇପଡୁଥିଲା । କାରଣ ସେ ପୁଅ ବିନା

କେମିତି ବଞ୍ଚିବ ଭାବି ଚର୍ତୁଃଦିଗ ତାକୁ ଅନ୍ଧାକାରମୟ ଲାଗୁଥିଲା । ଏସବୁ ଭିତରେ ତାର ପୂର୍ବସ୍ମୃତିସବୁ ତା ଆଖିରେ ନାଚି ଉଠୁଥିଲା । ସେ କିପରି ସେ ପୁଅକୁ ଭଲପାଉଥିଲା ଏବଂ ଭଲପାଇବା ପାଇଁ କ'ଣ ସବୁ କରିଥିଲା ଏବଂ ଦୁହିଁଙ୍କର ସେହି ମଧୁର ସମୟ ତାକୁ ତାର ବିବ୍ରତ ମନରେ ଶାନ୍ତି ପ୍ରଦାନ କରୁଥିଲା । ସେ ସେହି ସ୍ମୃତିକୁ କେବେ ମନରୁ ଲିଭିବାକୁ ଦବନି । ସେ ଚିରପ୍ରତିଜ୍ଞାବଦ୍ଧ ଥିଲା । ସେ ଭଲପାଉଥିବା ପୁଅ ବିନା ବଞ୍ଚିପାରିବ କିନ୍ତୁ ସେ ପୁଅର ଭଲପାଇବା ବିନା ନୁହେଁ ଏବଂ ଯାହା ସେ ପୁଅଟି ତାକୁ ଦେଇସାରଚି । ଅନ୍ୟପଟେ ପୁଅଟି ମଧ ବିଛିନ୍ନକୁ ହଠାତ୍ ନିଜର କରିପାରି ନଥିଲା । କାରଣ ସେ ଝିଅଟି ତା ଭଲପାଇବାର ଶକ୍ତିରେ ତାର ହୃଦୟର କୌଣସି ଏକ କୋଣକୁ ଜିଣିସାରିଥିଲା । କିନ୍ତୁ ପୁଅଟି ଉଭୟ ପରିବାରକୁ ଦେଖି ଏବଂ ସେ ଝିଅର ଖୁସି ପାଇଁ ଝିଅଟିକୁ ଛାଡ଼ିବାକୁ ପ୍ରସ୍ତୁତ ହୋଇଗଲା କିନ୍ତୁ ସେ ବି ନିଶ୍ଚିତ ଥିଲା ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଝିଅଟିର ନିର୍ଲୋଭ ପ୍ରେମକୁ ଭୁଲିପାରିବନି, ଏହିପରି ଭାବରେ ଦୁହିଁଙ୍କ ମଧୁର ପ୍ରେମର ଯନ୍ତ୍ରଣାଦାୟକ ଅନ୍ତ ହେଲା ।

କିନ୍ତୁ ଝିଅଟି ଭାବିଲା "ଇଏ ଅନ୍ତ ନୁହେଁ, ଏଇତ ପ୍ରେମର ଆରମ୍ଭ" କାରଣ ବିଛିନ୍ନ ପରେ ମଧ ଭଲପାଇବାକୁ ମନରେ ରଖି ଆଗକୁ ବଢ଼ିବା ହିଁ ପ୍ରେମର ଆରମ୍ଭ । ଏ ପ୍ରେମ ସଫଳ ପ୍ରେମ କାହାଣୀ ହୋଇନପାରେ କିନ୍ତୁ ପ୍ରେମର ପ୍ରକୃତ ପଥକୁ ଚରିତାର୍ଥ କରୁଅଛି । ଉଭୟ ଉଭୟଙ୍କଠୁ ଦୂରେଇ ଯାଇଛନ୍ତି କିନ୍ତୁ ତାଙ୍କର ପ୍ରେମ ଅଧିକ ନିକଟତର ହୋଇଯାଇଛି । ଏହି କାହାଣୀ ପାଠକ ପାଠିକାମାନଙ୍କୁ ସୁଖ ପ୍ରଦାନ କରିନପାରେ କିନ୍ତୁ ଆଜିର ଦୁନିଆରେ ପ୍ରେମର ପ୍ରକୃତ ଅର୍ଥକୁ ଯଥାର୍ଥ୍ୟ ପ୍ରଦାନ କରିପାରିବ । କାରଣ ଏପରି ପ୍ରେମର ଅନ୍ତ କେବେ ହୋଇନପାରେ । ଏ ପ୍ରେମ ଅମର ହୋଇ ରହିବ ଦୁହିଁଙ୍କ ମନ ଭିତରେ । ଝିଅଟିର ମନରେ ତା'ର ପ୍ରେମିକ ଠୁ ଦୂରେଇବାର କଷ୍ଟ ଥାଏ । କିନ୍ତୁ ସେ ପ୍ରତିଜ୍ଞାବଦ୍ଧ ଥିଲା ତାକୁ ଜୀବନରେ ଆଗକୁ ବଢ଼ିବାକୁ ହେବ, ନିଜ ପାଇଁ କିଛି କରିବାକୁ ହେବ । କାରଣ ଏହା ହିଁ ସେ ପୁଅର ଇଛାଥିଲା । ସେ ପୂର୍ବରୁ ମଧ ପୁଅର ଖୁସି ନିମନ୍ତେ ସବୁ କରୁଥିଲା । ସେହିସମୟରେ ଆଶା ରଖିଥିଲା ପୁଅର ପ୍ରେମ ଟିକକ ପାଇବ ଏବଂ ଏବେ ମଧ ସେ ପୁଅର ଖୁସି ପାଇଁ ତା ଠାରୁ ଦୂରେଇ ଯିବ ଓ ଆଶା ରଖିବ ଏ ପ୍ରେମଏହିପରି ତା ମନରେ ଚିରଦିନ ପାଇଁ ରହୁ । ଝିଅଟି ଜାଣିଥିଲା ଆଗର ଜୀବନରେ ହୁଏତ, ଦୁହେଁ ଆଉ ପରସ୍ପରକୁ ଦେଖିପାରିବେନି କିନ୍ତୁ ପ୍ରତିଦିନ ରାତିରେ ସେ ପୁଅ ତାର ଭାବନାରେ ଆସି ତା ଭଲପାଇବାକୁ ପ୍ରତିଦିନ ଜାଗ୍ରତ କରିଦେବ । ଝିଅଟି ମନେ ମନେ ଭାବିନେଇଥିଲା ଜୀବନରେ ହଜାର ଭଲପାଇବା ମିଳୁପଛେ ତା ସ୍ଥାନ କେହି ନେଇପାରିବେନି । କାରଣ ଜଣଙ୍କଠୁ ଦୂରେଇଗଲେ ଜୀବନ ସରିଯାଏନି କିନ୍ତୁ ହଜାର ଜଣ ମିଳି ଗଲେବି ସେହି ଜଣଙ୍କର ଉପସ୍ଥିତି ଭୁଲି ହୁଏନି । ସେ ବି ମନରେ ଭାବିନେଇଚି ଏମିତି ପୁଅଟିକୁ ତାର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭଲପାଉଥିବ । ଏବଂ ଭଗବାନଙ୍କୁ ଡାକୁଥିବ ଏ ଜନ୍ମରେ ନହେଲା ନାହିଁ ଯଦି ପୁର୍ନଜନ୍ମ ଥାଏ ତେବେ ନିଶ୍ଚୟ ଆର ଜନ୍ମରେ ପୁଣି ଥରେ ତାର ପ୍ରେମିକା ବନେଇ ଦିଅ । କାରଣ ସେ ସେହି ସମୟ ପର୍ଯ୍ୟନ୍ତ ହାରିବନି ଯେଉଁ ପର୍ଯ୍ୟନ୍ତ ନିଜେ ଭଗବାନ ତାର ପ୍ରେମ ପାଖରେ ହାରି ନାହାଁନ୍ତି ।

ପ୍ରକୃତରେ ଏ ଭଲପାଇବାରେ ହୁଏତ ସୁଖ ନାହିଁ କିନ୍ତୁ ଆତ୍ମତୃପ୍ତି ଅଛି । ଯାହା ପାଠକ ପାଠିକାଙ୍କ ମନରେ ଆଜିର ଏ ସ୍ୱାର୍ଥ ଜର୍ଜରିତ ଦୁନିଆ ମଧ୍ୟରେ ଏମିତିବି ଏକ ପ୍ରେମ ଅଛି ଯାହା ସର୍ଗୀୟ, ଏହାର ଉକ୍ତି ଯଥାର୍ଥ ଭାବେ ପ୍ରତିପାଦିତ କରିବ । ଏହା ନିଃସନ୍ଦେହ ।

"ସ୍ଥୂଳକଳେବର ନୁହଇ ଅମର
ଅମର କେବଳ ମନ,
ମନଯଦି ସଙ୍ଗ ହୋଇନାହିଁ ଭଙ୍ଗ
ସେହି ସୁଖ ସୁଖେ ଗଣ୍ୟ ।"
(ତପସ୍ୱିନୀ, ଗଙ୍ଗାଧର ମେହେର)

ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

# ଅସପନ ବଣିକ : ନଳିଆ

ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ

ଆଖିରେ ଚମକ ନାହିଁ, ସପନ ନାହିଁ । ଶେତା ଶେତା ମୁହଁରେ ଭିତରକୁ ପଶିଯାଇଥିବା ଆଖି ଦୁଇଟି ପେଙ୍କୁଆ ପେଙ୍କୁଆ । ଦେହ ତ ନୁହଁ ଯେମିତି ବିଜ୍ଞାନାଗାରରେ ଝୁଲୁଥିବା କଙ୍କାଳଟେ ଆସି ଲୋକଗହଳିରେ ବୁଲାଚଲା କରୁଛି । ହଁ ଦେହ ଉପରେ ଚର୍ମଟା ହିଁ ଢ଼ାଙ୍କି ହୋଇଛି କେବଳ । ପେଟରେ ସବୁବେଳେ ଭୋକ । ହେଲେ ଅନେକ ସମୟରେ ଭୋକକୁ ଭୁଲାଇବା ପାଇଁ ଶୋଷକୁ ନିଜରଜରିବାକୁ ପଡେ । ମାନେ ଭୋକ ହେଲାବ ନଳକୂଅ ପାଖକୁ ଯାଇ ଢ଼କ୍ ଢ଼କ୍ ପେଟ ପୁରିବା ଯାଏଁ ପାଣି ପି' ପକାଏ । କେବେ କେମିତି ପେଟ ପୁରିଗଲା ତ ଓଃ.... କି, ଶାନ୍ତି । ବାସ୍..... ଏଇଠି ହିଁ ଜୀବନର ସବୁ ଆଗତ ଭବିଷ୍ୟତର ପରିସମାପ୍ତି ।

ଏତେ କଥା ଯେଉଁ ଲୋକ ବିଷୟରେ, ସେ ରହେ ନିହାତି ଏକ ମଫସଲ ଗାଁ ରେ । ଗାଁ ରେ ତା'ର କେହି ନାହିଁ କି ତା'ର ନିଜସ୍ୱ ବୋଲି କିଛି ନାହିଁ । ଯେମିତି ତା'ର ଭବିଷ୍ୟତ କ'ଣ ତାକୁ ଜଣା ନାହିଁ ସେମିତି ଅତୀତକୁ ମଧ୍ୟ ସେ ଯେମିତି ଜାଣିଶୁଣି ପାସୋରି ଦେବାକୁ ଚାହିଁଛି । କାହାକୁ କିଛି କହେନି । ହଁ, ଜାଣିବା ଶୁଣିବା ଗାଁ ଲୋକେ କହନ୍ତି - ଏ ଲୋକ ଅନେଶତ ବାତ୍ୟା ପରେ ପରେ ଏ ଗାଁ କୁ ଆସିଥିଲା । ଏକୁଟିଆ, ଖୁବ୍ କମ୍ ବୟସର ବକଟେ ପିଲା ଭାବରେ । ଆଜି ସେ ଲୋକଟେ ହେଲାଣି ।

"ଏ ନଳିଆ, ଆ' ଖେତକୁ ଯିବା ।" ଗାଁର ଜଣେ ଥିଲାବାଲା ଲୋକ ସୁରେଶ ଡାକିଲା । "ହଁ, ଯାଉଛି ।" ନଳିଆକୁ ଗାଁର ଯାହାର ଯେଉଁ କାମ ଥିବ, ସେହି ସମୟରେ ହିଁ ଡାକିନିଅନ୍ତି । କିନ୍ତୁ ନଳିଆର ବଳବପୁକୁ ଦେଖି ତା'ଠୁ ଯେ କିଛି ବେଶୀ କାମ ଆଦାୟ କରିହେବ, ଏ ଆଶା ସେମାନଙ୍କଠି ନଥାଏ । ନଳିଆ କିନ୍ତୁ ଖୁବ୍ ମନ ଲଗାଇ କାମ କରେ । ଝାଳନାଳ ହୋଇ ନିଜର ସବୁ ବଳକୁ ଖଟାଏ । ଯାହା ଖେତରେ କାମ କରେ ସେମାନେ ହିଁ ଯେତିକି ଦିଅନ୍ତି ତାକୁ ହିଁ ଖାଇନିଏ ଓ ଆସି ଗାଁ ଭାଗବତ ଟୁଙ୍ଗୀର ବାରଣ୍ଡା କୋଣରେ ନିଘୋଡ ନିଦରେ ଶୋଇପଡେ ।

ନଳିଆକୁ କେବେ କେମିତି କିଏ ଦୁଇ-ଚାରିଖଣ୍ଡ ପୁରୁଣା ଲୁଗା ଦେଇ ଦିଅନ୍ତି ତ କିଏ କିଏ ଦୁଇ-ଚାରି ଟଙ୍କା ଧରାଇ ଦିଅନ୍ତି । କିଏ ମୁଢ଼ି ମୁଠେ, ବିସ୍କୁଟ ଦୁଇ-ଚାରିଟା, ଚଣା ମୁଠେ, ବାସି ଚକୁଳି ପିଠା ଖଣ୍ଡେ ବଢ଼େଇ ଦେଇ ଥାନ୍ତି ହାତକୁ । ନଳିଆ ତା'ବଦଳରେ ବୋଲହାକ କରି ଦି'ଚାରିଟା କାମ ବି ନଳିଆ ଠାରୁ ଆଦାୟ କରିନିଅନ୍ତି ।

ଗାଁରେ ପୁନେଇପରବ ବେଳେ ନଳିଆକୁ ଖୁବ୍ ଖାଇବାକୁ ମିଳେ । ମଣ୍ଡା, ଛୁଟଂପିପତ୍ର ପିଠା, ଆରିସାରେ ତା'ର ଗାମୁଛା ଯେମିତି ଭରିଯାଏ । ତିନି ଦିନ ଯାଏଁ ସେଇ ପିଠାକୁ ଖାଏ ।

ନଳିଆ କେବେ ବି ପରିଶ୍ରମକୁ ଡରେ ନାହିଁ । କାହା ଆଗରେ ହାତ ପତାଏ ନାହିଁ । କାହା ଆଗରେ ହାରିଗୁହାରୀ କରେ ନାହିଁ । କାହା ପାଦକୁ ଧରି କାକୁତି ମିନତି ହୁଏ ନାହିଁ କି କାହା ପାଖରୁ କିଛି ଚୋରି କରି ଆଣେ ନାହିଁ । ହକ୍ କାମକରେ– ଯାହା ବି ମିଳେ ତାକୁ ଖାଇ ଦିନଟେ ବିତାଇ ଦିଏ ।

ନଳିଆର କାହା ଉପରେ କିଛି ଅଭିଯୋଗ ନାହିଁ । ତା' ଉପରେ ବି କାହାରି କିଛି ଆଶା ନାହିଁ । ଜୀବନଟେ କେତେ ସୁରୁଖୁରୁରେ ଚଳେ । ବିନା ସପ୍ନରେ, ବିନା ଆକାଂକ୍ଷାରେ ଜୀବନଟେ ଯେମିତି ଆଗକୁ ଆଗକୁ ଠେଲି ହୋଇ ଯାଉଥାଏ ।

ନଳିଆ କେବେ ମୁହଁ ଶୁଖାଇ ବସିଥିବାର ଗାଁର କେହି ଦେଖିନାହାନ୍ତି । ସବୁବେଳେ କିଛି ନା କିଛି ଗୁଣୁଗୁଣାଉଥାଏ। ସମସ୍ତଙ୍କ ସହ ହସି ହସି କଥା କୁହେ । ସମସ୍ତଙ୍କ ବୋଲହାକ ମାନେ । ଯିଏ ଯାହା ଦେଲେ ଖୁସି ମନରେ ତାକୁ ଗ୍ରହଣ କରେ ।

ନଳିଆକୁ ଦେଖିଲେ ଗୋଟେ ପ୍ରକାର ଅଜବ ଲାଗେ । ଅଜବ ଏଇଥିପାଇଁ ଯେ ଏ ଲୋକର ଦୁଃଖ ଯଦି

ଗଣାଯିବ, ତା'ର ତ ହିସାବ ମିଳିବ ନାହିଁ । କିନ୍ତୁ ବେଳେ ବେଳ ଲାଗେ ନଳିଆ କେଉଁ ସୁଖର ଜୀବନ ଜିଉଁଛି ଯେ ! ତେଣୁ ତା ହାଡ଼ୁଆ ମୁହଁରେ ଚିନ୍ତାର ସାମାନ୍ୟତମ ସୂଚନା ଦେଖିବାକୁ ମିଳେ ନାହିଁ ।

ନଳିଆ ଗାଁ ପିଲାମାନଙ୍କୁ ଖୁବ୍ ଭଲପାଏ । ତାଙ୍କ ସହ ଖେଳେ । ଖେଳେ ନାହିଁ, ବରଂ ତାଙ୍କ ଖେଳରେ ସାହାଯ୍ୟ କରେ । ଯେମିତି କ୍ରିକେଟ୍ ବଲ୍‌କୁ ଦୂର ଜାଗାରୁ ଗୋଟାଇ ଆଣେ । ଆଉଟ୍ ହୋଇଯାଇଥିବା ଫୁଟବଲ୍‌କୁ ଧଇଁସଇଁ ହୋଇ ଦଉଡ଼ି ଯାଇ ନେଇଆସେ । ପିଲାମାନେ ଦାଣ୍ଡରେ ଦୌଡ଼ାଦୌଡ଼ି କରୁଥିଲେ ସେ ଗୋଟେ ଜାଗାରେ ନିର୍ବାକ ଭଳି ଠିଆ ହୋଇ ଆରମ୍ଭ କି ଶେଷ ଚିହ୍ନ ପାଲଟେ ।

ନଳିଆ କଥାକୁ ଯେତେ ଭାବିଲେ ସେତେ ଆଶ୍ଚର୍ଯ୍ୟ ଲାଗେ । ଲାଗେ ଏ ଲୋକ ବଂଚିଛିତ, ସେ ପୁଣି ବେଶ୍ ହସ ଖୁସିରେ । ଘର ଦ୍ୱାର ନାହିଁ, ପଇସା ପତ୍ର ନାହିଁ, କିଛିବୋଲି ତ କିଛି ନାହିଁ ତା' ପାଖରେ । ଏକାନ୍ତ ନିଃସ୍ୱ । ହେଲେ ନଳିଆ ଖୁସିରେଥିବା ପରି ଗାଁର କେହି ତ ଲାଗନ୍ତି ନାହିଁ । ଏତେ ଏତେ ଜମିବାଡ଼ି, ଏତେ ଏତେ ଧନ ଦୌଲତ, ଏତେ ଏତେ ପଦପଦବୀରେ ଥିବା ଗାଁ ଲୋକ ତ ସବୁବେଳେ ଚିନ୍ତାର ଭାରରେ ଯେମିତି ବୋଝେଇ ହୋଇ ପଡିଥାନ୍ତି । ଧନ,ଦୌଲତ ସାଇତିବାରେ କିମ୍ୱା ଧନ, ଦୌଲତ ବଢ଼ାଇବା ପାଇଁ କେତେ କେତେ ଧାଁ, ଧପଡ଼ କରୁଥାନ୍ତି । ଧନ,ଦୌଲତ ପାଇଁ ପିଟାମରା ବି ହୁଅନ୍ତି । ଚାକିରୀ-ବାକିରୀ ପାଇଁ ସେମାନେ କେଉଁ କେଉଁ ସ୍ତରକୁ ନ ଓହ୍ଲାନ୍ତି । ହେଲେ ନଳିଆର ହୋଲ୍ ନାହିଁ, ଡୋଲ୍ ନାହିଁ ।

ଦିନେ ନଳିଆକୁ ଜଣେ ଯାଇ ପଚାରୁ ପଚାରୁ ପଚାରି ଦେଲା -

"ନଳିଆ, ତୋର ମନରେ କ'ଣ କିଛି ସପ୍ନ ନାହିଁ ?"

ନଳିଆ ତା' ମୁହଁକୁ ବଲ ବଲ କରି ଅନାଇଲା ।

"ଆରେ ପଚାରୁଛି ପରା, ତୋର ଭବିଷ୍ୟତ ଆଶା, ଆକାଂକ୍ଷା ନାହିଁ ?"



ନଳଆ ତା' ମୁହକୁ ସେଇମତ ବଲବଲ କର ଅନାଇଲା ।

ଆରେ, ତୁ ଆଗକୁ କ'ଣ ହେବୁ ? ତୋର ଘରଦ୍ୱାର

ତୋର ସୁଖ, ସୁବିଧା, ତୋର ସପ୍ନ ?

ନଳିଆ ଏଥର ନ ହସି ରହି ପାରିଲା ନାହିଁ ।

ଫେଁକିନା ହସିଦେଲା, ହେଲେ ପ୍ରଶ୍ନ ପଚାରୁଥିବା ଲୋକକୁ ଲାଗିଲା ଯେମିତି ନଳିଆ ହସୁନାହିଁ ତ ତା' ଗାଲରେ ଠୋ' କିନା ଚାପୁଡ଼ା ଟେ ମାରିଦେଲା ।

ନଳିଆ ସେମିତି ହସି ହସି ଗୁଣୁଗୁଣାଇ ଗୁଣୁଗୁଣାଇ ସେଠାରୁ ଚାଲିଗଲା ।

ଅଧ୍ୟାପକ
ଖ୍ରୀଷ୍ଟ ମହାବିଦ୍ୟାଳୟ
କଟକ

●

# ଅବାଞ୍ଛିତ ମାତୃତ୍ୱରେ ଅକାଳ ମୃତ୍ୟୁ

ଡକ୍ଟର ଦିପକ କୁମାର ଦାଶ

ପ୍ରଭାତର କଅଁଳିଆ ସୁନେଲୀ ଖରା ମହାନଦୀର ବାଲୁକାରାଶିକୁ ସ୍ପର୍ଶ କରି ସୃଷ୍ଟି କରୁଛି ଏକ ମନୋରମ ଦୃଶ୍ୟ, ଏକ ଜ୍ୱଳନ୍ତମାନ ଆଭା । ବାଲୁକା ରାଶିର ଚିକ୍‌ମିକ୍ ମନଭିତରେ ସୃଷ୍ଟି କରୁଛି ଏକ ମେତି ମାଣିକ୍ୟର ପ୍ରହେଳିକା । ଦଲକାଏ ସକାଳୁଆ ପବନରେ ଲତାର ନୁଖୁରା କେଶଗୁଡ଼ିକ ଅମାନିଆ ଭାବେ ଏପଟ ସେପଟ ହେଉଛି । ଲତା କେଉଁ ଏକ ଅଗମ୍ୟ ଆଦିବାସୀ ଇଲାକାର ନିରିମାଖୀ ତେର ବର୍ଷର କିଶୋରୀ ଟିଏ । ଆଦିବାସୀ ପିଲାଙ୍କ ଶିକ୍ଷା ନିମନ୍ତେ ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ଆଶ୍ରମ ବିଦ୍ୟାଳୟର ହଷ୍ଟେଲରେ ରହି ଆଖିରେ ଭବିଷ୍ୟତର ସୁନେଲୀ ସ୍ୱପ୍ନ ଦେଖୁଥିବା ଲତା ଥିଲା ବାପା ମା ଛେଉଣ୍ଡ । ହଷ୍ଟେଲରେ ତାହା ସହ ଦେଖା ହୋଇଥିଲା ବିନୁଭାଇ । ବିନୁ ଭାଇଥିଲା ତାର ସବୁକିଛି, ତା ବିଶ୍ୱାସର ପ୍ରତୀକ ତା ଅନ୍ତରର ଆତ୍ମା, ତାର ଅତି ନିଜର । ବିନୁଭାଇ ତା ପାଇଁ ଆଣିଦିଏ ପାଉଡର ବାସନା ଅତର, ରଙ୍ଗୀନ୍ ରିବନ । କଥାରେ କଥାରେ ଚପଳମତି ଲତା ସମସ୍ତଙ୍କୁ ବିନୁଭାଇର କଥାକହି ପାଏ ଅପୁରନ୍ତ ଆନନ୍ଦ ।

ହଷ୍ଟେଲ ପାଖ ଗାଁରେ ବସତିସ୍ଥାପନ କରିଥିବା ପଇଁତିରିଶି ବର୍ଷୀୟ ବିନୁଭାଇ ଥିଲା ଲତାର ଅତିନିଜର ଅତି ଆପଣାର । ସମୟେ ସମୟେ ବିନୁ ହଷ୍ଟେଲରେ କାମଧନ୍ଦା କରିବା ସମୟରେ ଉଭୟଙ୍କ ମଧ୍ୟରେ ବିକଶିତ ହୋଇଥିଲା ଏକ ଉତ୍ତମ ସେତୁରୂପକ ବନ୍ଧନ, ଏକ ସରଳ ବିଶ୍ୱାସ, ନିଷ୍କପଟ ସମ୍ପର୍କ । ନିଜରଲୋକ ପାଖରେ ଜିଦି କରିବାର ଥାଏ ଏକ ଅଦେଖା ଆନନ୍ଦ, ଏକ ନୂତନ ଶିହରଣ - ଏହି କଥାକୁ ଛତ୍ରେ ଛତ୍ରେ ଅନୁଭବ କରି ଲତା ତା ଆପଣାର ବିନୁଭାଇ ପାଖରେ ଗେହ୍ଲେଇ ହୋଇଥିଲା କଟକ ପ୍ରସିଦ୍ଧ ବାଲିଯାତ୍ରା ଦେଖିବାକୁ । ଛଦ୍ମବେଶୀ ବିନୁ ଯିଏ ସୁଯୋଗର ଅପେକ୍ଷାରେ ଥିଲା ତତ୍‌କ୍ଷଣାତ୍ ଏ ପ୍ରସ୍ତାବରେ ରାଜି ହୋଇ ନିଷ୍କଳଙ୍କ ଝରଣାଲତାକୁ ଆଣିଥିଲା କର୍ଦ୍ଦମାସିକ୍ତ ନଦୀ ସଦୃଶ ସହରକୁ । ବାଲିଯାତ୍ରାରେ ଲତାକୁ ଦେଇଥିଲା ଅନେକ ବସ୍ତୁ, ଅନେକ ଖୁସି । ସବୁଠୁ ବେଶି ଆନନ୍ଦ ହୋଇଥିଲା ବିନୁଭାଇ ସଙ୍ଗେ ହାତରେ ହାତ ମିଶାଇ ଚାଲିବାରେ । କି ଅପୁରନ୍ତ ଆନନ୍ଦ, କି ନୂତନ ଶିହରଣ । ସେ ଆବିଷ୍କାର କଲା ଏକ ନୂତନ ଦୁନିଆ ।

ଲତା ଓ ତାର ପ୍ରିୟ ବିନୁଭାଇ ରାତି ସାଢ଼େ ଏଗାର ବେଳେ ଫେରିଥିଲେ ବାଲିଯାତ୍ରାରୁ । ଲତାର ବ୍ୟତିବ୍ୟସ୍ତ ପ୍ରଶ୍ନ କେଉଁଠି ରହିବାର, ବିନୁର ମୁହଁରୁ ବାହାରି ଆସିଥିଲା ସଂପର୍କୀୟଙ୍କ ଘରେ । ଦୁହେଁ ମାଡିଚାଲିଲେ ସେମାନଙ୍କର ଲକ୍ଷ୍ୟସ୍ଥଳ ସଂପର୍କୀୟର ଘର । ସେଠାରେ ପହଞ୍ଚିବା ପରେ ଲତାର ପ୍ରଶ୍ନ ଏଠାରେ କ'ଣ କେହି ନାହାଁନ୍ତି ? ବିନୁର ତତ୍‌କ୍ଷଣାତ ଉତ୍ତର ଥିଲା ଆମେ ଆସିବା ବୋଲି ମୋର ସାଙ୍ଗ ମୋତେ ଚାବି ଦେଇ ଅନ୍ୟତ୍ର ଚାଲିଯାଇଛି । କପଟ ସ୍ପର୍ଶ କରିନଥିବା ନିରିମାଖି ଲତା ହଠାତ୍ ଅନୁଭବ କରୁଛି ତା ପିଠି ଉପରେ କାହାର ସ୍ପର୍ଶ । ଚମକିପଡି ଦେଖେ ତ ତା'ର ଅତି ଆପଣାର ବିନୁଭାଇ । ଅନ୍ଧାର କଳାରାତିରେ ବିନୁଭାଇ ବୋଳିଦେଲା ସେମାନଙ୍କର ସଂପର୍କରେ କାଳିମା । ବିନୁଭାଇର ଶକ୍ତ ବାହୁର ପ୍ରଭାବରୁ ମୁକୁଳିପାରିଲାନି ନିରିମାଖି ଲତା । ଅନ୍ୟନ୍ୟ ଉପାୟ ହୋଇ ନିଜେ ନିଜକୁ, ନିଜ ଶରୀରକୁ ସମର୍ପି ଦେଇଛି କାମାନ୍ଧ ବିନୁଭାଇ ପାଖରେ । ସେ ଅନୁଭବ କରିଛି ବିଶ୍ୱାସରେ ବିଷ କେତେ ଭୟଙ୍କର ହୋଇପାରେ । ତାର ଆଖିରେ ନାଚିଯାଇଛି ବିନୁଭାଇର ଏହି ବିଭତ୍ସ ତଥା କୁତ୍ସିତ ଘୃଣ୍ୟ ରୂପ ।

ସକାଳର ସୂର୍ଯ୍ୟ ଲତାକୁ ଛୁଇଁବା ବେଳକୁ ଚାଲିବାର ସକ୍ଷମତା ତା ପାଖେ ନଥାଏ କି ପାଖରେ

ନଥାଏ ବିନୁ । ଆକାଶ ଖସି ପଡିବା ଭଳି ଲାଗେ । କୁଆଡେ ଯିବ ଅଜଣା ସହରରେ, ଅଚିହ୍ନା ଲୋକଙ୍କ ଭିତରେ । ଭାବନା ର ଦୁନିଆରେ ବୁଡି ରହିଥିବା ଲତା ଶୁଣିପାରିଲା କେଉଁ ଏକ ଅଜଣା ସ୍ୱର - ନିଅ ଏହି ପଚାଶ ଟଙ୍କା । ଘରକୁ ଯିବ, ଲତାର କେବଳ ଗୋଟିଏ ପ୍ରଶ୍ନ କୁଆଡେ ଗଲେ ବିନୁଭାଇ ? ସମସ୍ତ ଘଟଣା ସଂପର୍କରେ ଅଜଣା ବ୍ୟକ୍ତିଠାରୁ ଏକ ସମ୍ୟକ ଧାରଣା ପାଇ ତାହାର ସାହାଯ୍ୟରେ ପହଞ୍ଚିଲା ମହାନଦୀ କୂଳରେ । ମହାନଦୀର ସ୍ୱଚ୍ଛଜଳ ଓ ବାଲୁକା ରାଶିକୁ ଦେଖି ସେ ଜାଣିଲା । ଜୀବନ ବର୍ଷା ଓ ବସନ୍ତର ଏକ ସଙ୍ଗମ ନୁହେଁ ବରଂ ବର୍ଷା ଓ ରୌଦ୍ରର ଏକ ତାଣ୍ଡବ । ଅସଜଡ଼ା ଅତୀତକୁ ସାଉଁଟି ଦେହ ଓ ମନର ଯନ୍ତ୍ରଣାକୁ ଚାପିରଖି ଲତା ବସ୍ ଧରି ପହଁଞ୍ଚିଲା ତା'ର ପୂର୍ବ ଆପଣାର ଆଦିବାସୀ ଅଧ୍ୟୁଷିତ ହଷ୍ଟେଲରେ ।

ବିଭତ୍ସ ଅତୀତକୁ ଭୁଲିବା ପାଇଁ ଚେଷ୍ଟାକରୁଥିବା ସମୟରେ ତା'ମନକୁ ଜାଳିପୋଡି ଛାରଖାର କରିଦେଇଥିଲା । ବିନୁର କେଇପଦ ମିଛ - ଲତା ବାଲିଯାତ୍ରାରେ ହଜିଯାଇଛି । ଲତାକୁ ନିଜ ପାଖରେ ଦେଖି ବିନୁ ଇତସ୍ତତଃ ତଥା ହତୋତ୍ସାହିତ ହେଲା । ତା ପାଖକୁ ଆସି କହିଲା କଟକର ଘଟଣାକୁ କହିବୁନି । ନିରୀହ ଲତାର ମୁହଁରୁ ବାହାରି ଆସିଥିଲା "ଆଉ କ'ଣ ରହିଗଲା ଯେ ମୁଁ କହିବି" ବିବାହର ପ୍ରତିଶ୍ରୁତି ଦେଇ ବିନୁ ତା ମୁହଁରେ ତାଲା ପକାଇଦେଲା, ସରଳ, ନିଷ୍କପଟ, ଛନ୍ଦ ଜାଣିନଥିବା ଲତା ମନରେ ସୃଷ୍ଟି ହେଲା ଶହଶହ ଆଶାର ଦୀପ, ପ୍ରଜ୍ୱଳିତ ହେଲା ଭରସାର ବହ୍ନି । ବିନୁଭାଇ ତାକୁ ବାହା ହେବ, ସମାଜରେ ସ୍ୱୀକୃତି ଦେବ ଭାବି ତାର ବିନୁଭାଇ ପ୍ରତି ପୂର୍ବ ବିଶ୍ୱାସ ଫେରି ଆସିଲା ।

ସମୟ କାହାକୁ ଅପେକ୍ଷା କରେନି । ସମୟ ଗଡ଼ିଚାଲେ ଆଗକୁ ଆଗକୁ ବହୁତ ଆଗକୁ । ଏ କଥା ମଧ୍ୟ ଘଟିଥିଲା ଲତା କ୍ଷେତ୍ରରେ । ତା'ମୁଣ୍ଡରେ ବଜ୍ର ପଡିଲା, ଯେତେବେଳେ ସେ ଜାଣିଲା ସେ ହୋଇଛି ଅନ୍ତଃସତ୍ତ୍ୱା । ସେ ହେବାକୁ ଯାଉଛି ବିନୁ ସନ୍ତାନର ଜନନୀ । ହଷ୍ଟେଲରେ ଟୁପୁର୍ ଟାପୁର୍ କଥା ତୁଣ୍ଡବାଇଦ ପରି ମାଡ଼ି ଚାଲିଥାଏ । ସେ ଉତ୍‌ଫୁଲ୍ଲିତ ନାରୀ ହେବାର ସାର୍ଥକତା ଲାଭ କରିଛି, ନୂତନ ସୃଷ୍ଟି ସମ୍ଭାର ଧାରଣ କରିଛି, ଭଗବାନଙ୍କ ଅନବଦ୍ୟ ଦାନ ମାତୃତ୍ୱର,ସେ ଅନୁଭବ କରିବାକୁ ଯାଉଛି । ଏ ସବୁ ସ୍ୱପ୍ନ ଦୂରେଇ ଯାଉଛି ଯେତେବେଳେ ସେ ଭାବୁଛି ଯଦି ବିନୁଭାଇ ମୋତେ ନ ଆପଣାଏ ...... ତେବେ । ଆଶଙ୍କା ସତରେ ପରିଣତ ହେଲା । ବିନୁଭାଇର ଦେଖାନାହିଁ ସତେ ଯେମିତି ଅଦୃଶ୍ୟ ଆତ୍ମା । ଗର୍ଭକଷ୍ଟ ସହିତ ବିନୁଭାଇଙ୍କୁ ଅପେକ୍ଷା କଷ୍ଟ ତାକୁ ଘାଣ୍ଟି ପକାଉଥାଏ । ଶେଷରେ ଗର୍ଭ ଯନ୍ତ୍ରଣା ସହିନପାରି ଡାକ୍ତରଖାନାରେ ଲତା ଶେଷ ନିଶ୍ୱାସ ତ୍ୟାଗ କଲା । ବିନୁଭାଇ ଅପେକ୍ଷାର ଘଟିଲା ଅନ୍ତ । ଛୁଆଟି ବି ବଞ୍ଚିଲାନି । ଶବ ନେବାକୁ କେହି ଆସିଲେ ନାହଁ । ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ହେଲା ଶବଦାହ । ନାରୀ ଶକ୍ତିର ବିକାଶ ପ୍ରମାଣିତ ହେଲା ଏକ ଫାଙ୍କା ଆବାଜ । ପ୍ରଶ୍ନଉଠେ, ଲତାର ଅପମୃତ୍ୟୁ ସମାଜକୁ ଆଙ୍ଗୁଳି ଦେଖାଇ ପଚାରେ କିଏ ଦାୟୀ କୁମାରୀ ମାତୃତ୍ୱ ପାଇଁ । କୁଆଡେ ଗଲା ନାରୀବାଦୀମାନଙ୍କର ଚିରାଚରିତ ସ୍ଲୋଗାନ ସ୍ୱେଚ୍ଛାସେବୀମାନଙ୍କର ନାରୀପ୍ରତି ଦରଦ । ମାତୃତ୍ୱ ଆଶୀର୍ବାଦ ପାଲଟିଗଲା ଅଭିଶାପ । ସେତିକିରେ ସରିଯାଏନା, ଦାନ୍ତ ନେକୁଟେଇ ସମାଜର ତଥାକଥିତ ଠିକାଦାରମାନେ ଗଣମାଧ୍ୟମରେ ମୁଖ୍ୟତଃ ବିଦ୍ୟୁତ୍ ଗଣମାଧ୍ୟମର ଶୀତ ତାପ ନିୟନ୍ତ୍ରିତ ଷ୍ଟୁଡିଓରେ ପୋଷ୍ଟମର୍ଟମ କରନ୍ତି ଲତାର ମୃତ୍ୟୁ ଓ ଲତାର ଚରିତ୍ର । ଲତା ଭଳି କୋମଳ ନିରିମାଖି କିଶୋରୀମାନଙ୍କର ଅପମୃତ୍ୟୁ ନହେଉ - କୁମାରୀ ମାତୃତ୍ୱକୁ ରୋକାଯାଉ-ଏ ଶପଥ ସମସ୍ତେ ନେଲେ ପ୍ଲାଟୋଙ୍କ ଆଦର୍ଶ ରାଷ୍ଟ୍ର ଓ ଗାନ୍ଧିଜୀଙ୍କ ରାମରାଜ୍ୟ ପ୍ରତିଷ୍ଠା ହେବ ଏଥିରେ ସନ୍ଦେହ ନାହିଁ ।

ଖ୍ରୀଷ୍ଟମହାବିଦ୍ୟାଳୟ, କଟକ

**Join Now! Join Now! Join Now!**

# MATRUSHAKTI STUDY POINT

**(A Unit of Innovation, Dedication & Care)**

**Nayabazar, Cuttack - 4**

**Student Care : 9437107857, 9337946333**
**9437563030, 9861268704**

## Our Salient Features :

- The teaching is produced by highly experienced faculty members on the latest trend of the BSE.
- Predict future paper trends with MATRUSHAKTI STUDY POINT Test Series every month to give student's practice and more practice.
- Stay informed about latest trends syllabus, new study techniques, time management skills and much more.
- Confidence building exercise with self test.
- Personal Problem Solving desk.
- Xtra Funda

For Class
V to X, +2 Arts,
Sc., Com. DET

**Class Starts**
**23rd March, 14**
**at 4.30P.M.**

*Your Success*
*Our Aim*

**Admission going on**

Printed, Published, Edited and Owned by Dr. Bibhudatta Khandayatray, Printed at Laxmi Offset Press, Nayabazar, Cuttack-4, Odisha & Published at Niladri Vihar, P.O. - Nayabazar, Cuttack - 4, Odisha, Mob. : 9437744194

RNI No. : ODIODI/2015/64435

www.pracheevoice.in

Editor : Dr. Bibhudatta Khandayatray

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ

ନଭେମ୍ବର ୨୦୧୪

ମୂଲ୍ୟ : ୨୪ ଟଙ୍କା